

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୧ ଅଗଷ୍ଟ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 11 AUGUST 2020

Vol.No. 30 ■ No. 202■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

କରୋନାରେ ଦେଶରେ ଗତ ୨୪ ଘଣ୍ଟାରେ ୬୨,୦୨୩ ନୂଆ ମାମଲା: ୧୦୦୭ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୦।୮ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୬୨,୦୨୩ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟା ମଧ୍ୟରେ ୧୦୦୭ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହିତ ଦେଶରେ କୋରୋନା ସଂଖ୍ୟା ୨୨,୧୫,୦୪୭ ରେ ପହଂଚିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୬୩୪୯୪୫ ସକ୍ରିୟ ରୋଗୀ ଅଛନ୍ତି । ଦେଶରେ ମୋଟ ୧୫୩୫୭୪୩ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ତମାନ ସୁଦ୍ଧା ୪୪୩୮୬ ଜଣ ମୃତ୍ୟୁ ବରଣ କରିଛନ୍ତି ।

ଆଣ୍ଡାମାନ-ନିକୋବର ସହ ସମୁଦ୍ର ତଳ କେବ୍‌ଲ ସଂଯୋଗ ବ୍ୟବସ୍ଥାର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୦।୮ (ନି.ପ୍ର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଆଣ୍ଡାମାନ ଓ ନିକୋବର ସହିତ ଭାରତୀୟ ମୁଖ୍ୟ ଭୂଖଣ୍ଡର ସମୁଦ୍ର ତଳ (ସବ୍‌ମେରାଇନ) ଅପ୍‌ଟିକାଲ ଫାଇବର କେବ୍‌ଲ (ଓଏଫ୍‌ସି) ବ୍ୟବସ୍ଥାର ଶୁଭ ଉଦ୍‌ଘାଟନ କରିଛନ୍ତି । ଏକ ଭିଡିଓ କନ୍‌ଫରେନ୍‌ସିଂ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀ ଏହି ସେବାକୁ ଜାତି ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଅଣ୍ଡାମାନର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇ କହିଛନ୍ତି ଯେ ସମୁଦ୍ର ଭିତରେ ୨୩ ଶହ କିମି କେବୁଲ ବିଛାଇବା କାମ ନିର୍ଧାରିତ ସମୟରୁ ଆଗରୁ ଶେଷ ହେବା ଅତ୍ୟନ୍ତ ପ୍ରଶଂସନୀୟ । ଗଭୀର ସମୁଦ୍ରରେ ସର୍ଭେ କରିବା, କେବୁଲ କ୍ୱାଲିଟିକୁ ମେଂଟେନ କରିବା ଓ ବିଶେଷ ଜାହାଜ ଜରିଆରେ କେବୁଲ ବିଛାଇବା ସହଜ ନୁହେଁ । ତେବେ କରୋନା ସମୟରେ ମଧ୍ୟ ଯେତେବେଳେ ସବୁ କାମ ବନ୍ଦ ହୋଇ ଯାଇଥିଲା ସେ ମଧ୍ୟ ଏହି କାମକୁ ରୋକି ପାରି ନ ଥିଲା ବୋଲି ଶ୍ରୀ ମୋଦି କହିଛନ୍ତି । ଉଲ୍ଲେଖନୀୟ ଯେ ଚେନ୍ନାଇରୁ ପୋର୍ଟବ୍ଲେୟାର ଯାଏଁ ଏହି କେବ୍‌ଲ ସଂଯୋଗ କରାଯାଇଛି । ଏହାଛଡା ପୋର୍ଟବ୍ଲେୟାରରୁ ସ୍ୱରାଜ ଦ୍ୱୀପ, ଲିଟିଲ୍ ଆଣ୍ଡାମାନ, କାର ନିକୋବର, କାମଉର୍ତା, ଗ୍ରେଟ ନିକୋବର, ଲଙ୍ଗ୍ ଆଇଲାଣ୍ଡ ଓ ରଙ୍ଗତ୍ ଆଦି ୭ଟି ଦ୍ୱୀପକୁ ଏହି ସମୁଦ୍ରତଳ କେବ୍‌ଲ ସେବା ସଂପ୍ରସାରିତ ହୋଇଛି । ଏହା ଫଳରେ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜ ସହିତ ଭାରତୀୟ ମୁଖ୍ୟ ଭୂଖଣ୍ଡରୁ ବିଶ୍ୱାସଯୋଗ୍ୟ ଏବଂ ତ୍ୱରିତ ମୋବାଇଲ ତଥା ଲ୍ୟାଣ୍ଡଲାଇନ ଟେଲିକମ୍ ସେବା ଉପଲବ୍ଧ ହୋଇପାରିବ । ୨୦୧୮ ଡିସେମ୍ବର ୩୦ରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ପୋର୍ଟବ୍ଲେୟାରଠାରେ ଏହି ପ୍ରକଳ୍ପର ଶୁଭ ଦେଇଥିଲେ ।

ଅଗଷ୍ଟ ୧୨ରେ ଯୁକ୍ତ ୨ ବିଜ୍ଞାନ ରେଜଲ୍ଟ

ଭୁବନେଶ୍ୱର,୧୦।୮ (ନି.ପ୍ର): ଆସନ୍ତା ଅଗଷ୍ଟ ୧୨ ତାରିଖରେ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ଫଳ ପ୍ରକାଶ ପାଇବ। ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ଏହି ସୂଚନା ଦେଇଛନ୍ତି । ୧୨ ତାରିଖ ଦିନ ମଧ୍ୟାହ୍ନ ୧୨.୩୦ ମିନିଟ୍ ସମୟରେ ପରୀକ୍ଷା ଫଳ ସିଏଚଏସଇର ୱେସାଇଟ୍ ରେ ପ୍ରକାଶିତ ହେବ । ସେହିପରି ଅଗଷ୍ଟ ତୃତୀୟ ସପ୍ତାହରେ ଯୁକ୍ତ ୨ ବାଣିଜ୍ୟ ଓ ମାସ ଶେଷ ସପ୍ତାହରେ କଳା ରେଜଲ୍ଟ ପ୍ରକାଶ ପାଇବ।

ଅନ୍ୟପକ୍ଷରେ ରାଜ୍ୟର ୫୬ ହଜାର ଶିକ୍ଷକ ଓ ଶିକ୍ଷୟିତ୍ରୀମାନ ଙ୍କୁ ପଦୋନ୍ନତି ଦିଆଯିବ। ମାଟ୍ରିକ୍ ସପ୍ଲିମେଂଟାରୀ ପରୀକ୍ଷା ତାରିଖ ଅଗଷ୍ଟ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୧୪ ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୨୮୬ ହେଲା

ଭୁବନେଶ୍ୱର,୧୦।୮ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୪ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୨୮୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଛଅ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ନୟାଗଡ ଓ ଖୋର୍ଧା ଜିଲ୍ଲାର ୩-୩ ଜଣ ଅଛନ୍ତି । ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାର ଜଣେ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସେହିପରି ନୟାଗଡର ଜଣେ ୩୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ନୟାଗଡ ଜିଲ୍ଲାର ହିଁ ଅନ୍ୟ ଜଣେ ୩୪ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାର ହିଁ ଅନ୍ୟ ଜଣେ ୭୮ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଭୁବନେଶ୍ୱରର ଜଣେ ୮୪ ବର୍ଷ ବୟସ୍କ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଖୋର୍ଧା ଜିଲ୍ଲାର ଜଣେ ୮୨ ବର୍ଷ ବୟସ୍କ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥିଲେ। ସେହିପରି ଖୋର୍ଧା ଜିଲ୍ଲାର ଜଣେ ୬୯ ବର୍ଷୀୟ କରୋନା ଆକ୍ରାନ୍ତଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସେ କ୍ରନିକ କିଡନି ରୋଗରେ ପୀଡିତ ଥିଲେ । ସେହିପରି ଭାବେ ଗଂଜାମ ଜିଲ୍ଲାର ଜଣେ ୮୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୬୫ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଗଂଜାମ ଜିଲ୍ଲାର ଜଣେ ୭୦ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ଉଚ୍ଚ ରକ୍ତଚାପରେ ପୀଡିତ ଥିଲେ। ସେହିପରି ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୫୦ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଥିବା ସୂଚନା ଦିଆ ଯାଇଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାର ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ପୀଡିତ ଥିଲେ । ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୫୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେ କ୍ରନିକ କିଡନୀ ରୋଗରେ ପୀଡିତ ଥିଲେ। ସୁନ୍ଦରଗଡ ଜିଲ୍ଲାର ଜଣେ ୭୨ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହରେ ପୀଡିତ ଥିଲେ।

ମନ୍ଦିର ଖୋଲିବା ନିଷ୍ପତ୍ତି ନେବେ ରାଜ୍ୟ ସରକାର : ହାଇକୋର୍ଟ

ଭୁବନେଶ୍ୱର,୧୦।୮ (ନି.ପ୍ର): କରୋନା ପାଇଁ ବନ୍ଦ ଥିବା ମନ୍ଦିର ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନ ଗୁଡିକ ଖୋଲିବା ନେଇ ରାଜ୍ୟ ସରକାର ନିଷ୍ପତି ନେବେ। ରାଜ୍ୟରେ ମନ୍ଦିର ଖୋଲିବା ନେଇ ହୋଇଥିବା ଏକ ଆବେଦନର ଶୁଣାଣି କରି ଓଡିଶା ହାଇକୋର୍ଟ ଏହି ରାୟ ଦେଇଛନ୍ତି। ଅନ୍ୟପକ୍ଷରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ରାଜ୍ୟର ମନ୍ଦିର ଓ ଧର୍ମାନୁଷ୍ଠାନ ଖୋଲିବା ନେଇ ବିଚାର ବିମର୍ଶ ଚାଲିଛି ବୋଲି ଗଣମାଧ୍ୟମକୁ କହିଛନ୍ତି। ରାଜ୍ୟରେ ମନ୍ଦିର ଓ ସମସ୍ତ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦାବି କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଦୁଇଟି ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ୍ ରଫିକ୍ ଓ ଡକ୍ଟର ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଏ ସଂକ୍ରାନ୍ତରେ ▶▶ପୃଷ୍ଠା ୭

୭ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର,୧୦।୮ (ନି.ପ୍ର): ଉତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୧୩ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ ଘଂଟା ମଧ୍ୟରେ ଲଘୁଚାପ ପ୍ରଭାବରେ ରାଜ୍ୟର ▶▶ପୃଷ୍ଠା ୭

୨୪ ଘଂଟା ମଧ୍ୟରେ କୋଭିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ୭ଟି ମାମଲା

ଭୁବନେଶ୍ୱର,୧୦।୮ (ନି.ପ୍ର): ଅଗଷ୍ଟ ୯ରୁ ଅଗଷ୍ଟ ୧୦ ସକାଳ ଯାଏ ରାଜ୍ୟରେ କୋବିଡ ଗାଇଡଲାଇନ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟରେ ମୋଟ ୭ ଟି ମାମଲା ରୁଜୁ କରା ଯାଇଛି । ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ଏହି ମାମଲା ମଧ୍ୟରେ ସମସ୍ତ ୬ଟି ମାମଲା ଲକ ଡାଉନ ଉଲ୍ଲଂଘନ ସମ୍ପର୍କିତ ହୋଇଥିବା ପ୍ରକାଶ କରା ଯାଇଛି ।

ଗଞ୍ଜାମର ସରପଂଚଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

କରୋନାକୁ ସମ୍ପୂର୍ଣ୍ଣ ନିପାତ ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ସରପଂଚମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର,୧୦।୮ (ନି.ପ୍ର): ସରପଂଚମାନଙ୍କ ନିଷ୍ଠା ଓ ପରିଶ୍ରମ ଯୋଗୁ ପଜିଟିଭ୍ କେସ୍ କମୁଛି, ଆରୋଗ୍ୟ ହାର ବଢୁଛି, ମୃତ୍ୟୁହାର କମୁଛି । ଆଗାମୀ ଦିନରେ ସରପଂଚମାନଙ୍କର ଭଲ କାମ କୋଭିଡ୍ ପରିଚାଳନାରେ ସାରା ଦେଶକୁ ବାଟ ଦେଖାଇବ। ସରପଂଚମାନଙ୍କର ଏହି ଭଲ କାମ ପାଇଁ ସେ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ବର୍ତମାନ ପରିସ୍ଥିତିରେ ଯେଉଁ ଉନ୍ନତି ଆସିଛି ସେଥିରେ ସନ୍ତୁଷ୍ଟ ନ ହୋଇ କରୋନାକୁ ସମ୍ପୂର୍ଣ୍ଣ ନିପାତ ପର୍ଯ୍ୟନ୍ତ ଲଢେଇ ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି । ଏହାସହ ସରପଂଚମାନଙ୍କୁ ସବୁ ପ୍ରକାର ସହଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୋମବାର ଦିନ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ଜରିଆରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ପଂଚାୟତର ସରପଂଚମାନଙ୍କ ▶▶ପୃଷ୍ଠା ୭

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କରୋନା ଆକ୍ରାନ୍ତ

କୋଲକାତା,୧୦।୮ (ନି.ପ୍ର): ଦେଶର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ କରୋନା ଆକ୍ରାନ୍ତ ହୋଇଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ୮୮ ବର୍ଷ ବୟସ୍କ ମୁଖାର୍ଜୀ ଟ୍ୱିଟ କରି କହିଛନ୍ତି ଯେ ସେ କୌଣସି ଆବଶ୍ୟକ କାରଣରୁ ହସପିଟାଲ ଯାଇଥିଲେ, ସେଠାରେ ତାଙ୍କର କରୋନା ଭାଇରସ ଜାଂଚ ରିପୋର୍ଟ ପଜିଟିଭ ଆସିଛି । ସେ ଅନୁରୋଧ କରିଛନ୍ତି ଯେ ଗତ ଏକ ସପ୍ତାହ ମଧ୍ୟରେ ଯିଏ ମଧ୍ୟ ତାଙ୍କ ସମ୍ପର୍କରେ ଆସିଛନ୍ତି ସେମାନେ ସମସ୍ତେ ନିଜକୁ ହୋମ ଆଇସୋଲେଟ କରି ଦିଅନ୍ତୁ ଓ ନିଜର କରୋନା ଜାଂଚ କରାଇ ନିଅନ୍ତୁ ।

ରାମ ମନ୍ଦିର ଶିଳାନ୍ୟାସକୁ ଦଳୀୟ କାର୍ଯ୍ୟକ୍ରମ କରିବା ନିନ୍ଦନୀୟ : କଂଗ୍ରେସ

ଭୁବନେଶ୍ୱର,୧୦।୮ (ନି.ପ୍ର): ରାମମନ୍ଦିର ଶିଳାନ୍ୟାସ ଓ ରାମ ମନ୍ଦିର ନିର୍ମାଣ ଦେଶର ଭକ୍ତମାନେ ସ୍ୱାଗତ କରିଛନ୍ତି କୌଣସି ରାଜନୈତିକ ଉଦ୍ଦେଶ୍ୟ ନଥାଇ । ବର୍ତମାନ ସରକାର ଦଳୀୟ କାର୍ଯ୍ୟକ୍ରମ ହିସାବରେ ରାମ ମନ୍ଦିର ଶିଳାନ୍ୟାସ କରିବା ଉଚିତ୍ ନୁହେଁ। ବିରୋଧି ଦଳ ମାନଙ୍କୁ ନିମନ୍ତ୍ରଣ ନକରିବା ଏବଂ ବିଜେପି କାର୍ଯ୍ୟକ୍ରମରେ ଏହାର ଶିଳାନ୍ୟାସ କରିବା ନିନ୍ଦନିୟ ବୋଲି କଂଗ୍ରେସର ବରିଷ୍ଠ ନେତା ତଥା ଆଡଭୋକେଟ ଶିବାନନ୍ଦ ରାୟ ଏକ ପ୍ରେସ୍‌ବିଜ୍ଞପ୍ତିରେ ଜଣାଇଛନ୍ତି । ମହାତ୍ମା ଗାନ୍ଧୀ ପ୍ରତ୍ୟେକ ଦିନ ଗୀତା ପଢ଼ିଥାନ୍ତି ଓ ରାମ ନାମ ଜପିଥାନ୍ତି। ମହାତ୍ମା ଗାନ୍ଧି କସ୍ମିନ୍‌କାଳେ ରାଜନୀତି ଉଦ୍ଦେଶ୍ୟରେ କୌଣସି ଧର୍ମକୁ ବ୍ୟବହାର କରିନାହାନ୍ତି। ରାମ ମନ୍ଦିର ନିର୍ମାଣ ଉଦ୍ଦେଶ୍ୟରେ ଭାରତର ପ୍ରଧାନମନ୍ତ୍ରୀ ନରସିଂହ ରାଓ ଓ ରାଜୀବ ଗାନ୍ଧୀ ସଂପୂର୍ଣ୍ଣ ସମର୍ଥନ କରିଥିଲେ। କିନ୍ତୁ ତାକୁ ଦଳୀୟ କାର୍ଯ୍ୟକ୍ରମରେ ବ୍ୟବହାର କରିନଥିଲେ ବୋଲି ସେ କହିଛନ୍ତି।

ଏଣିକି ପିଜି ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୧୦।୮ (ନି.ପ୍ର): ଏଣିକି ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଓ କଲେଜର ପିଜି (ସ୍ନାତକୋତର) ପାଠ୍ୟକ୍ରମରେ ନାମଲେଖା ପାଇଁ ଏକକ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏହି ପ୍ରବେଶିକା ପରୀକ୍ଷା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୭ ମଧ୍ୟରେ ଅନୁଷ୍ଠିତ ହେବ। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୦ରେ ଭାଗ ନେବାକୁ ଚାହୁଁଥିବା ଛାତ୍ରଛାତ୍ରୀ ଅଗଷ୍ଟ ୧୨ରୁ ୩୧ ତାରିଖ ଭିତରେ ଅନଲାଇନରେ ଆବେଦନ କରି ପାରିବେ। ଅଗଷ୍ଟ ୧୨ରୁ କମନ ଆପ୍ଲିକେସନ୍ ଫର୍ମ ଷ୍ଟୁଡେଂଟ ଏକାଡେମିକ୍ ମ୍ୟାନେଜମେଂଟ ସିଷ୍ଟମର ୱେବସାଇଟ୍ www.samsodisha.gov.in ରେ ଉପଲବ୍ଧ ହେବ। ଏଥିଲାଗି ଆବେଦନ ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ସେହିପରି ସେପ୍ଟେମ୍ବର ୨୦ରେ ପରୀକ୍ଷା ଲାଗି ହଲ ଟିକେଟ ଉପଲବ୍ଧ ହେବ।

ବିଶିଷ୍ଟ ଶିକ୍ଷାବିତ୍‌ଙ୍କ ବିୟୋଗରେ ଶୋକସଭା

ଜଳେଶ୍ୱର,୧୦।୮ (ନି.ପ୍ର): ଜଳେଶ୍ୱର ଅଂଚଳର ବିଶିଷ୍ଟ ଶିକ୍ଷାବିତ୍, ସୁ-ସଂଗଠକ, ଅଧ୍ୟାତ୍ମିକବାଦି, ସମାଜସେବି, ଶିକ୍ଷାନୁଷ୍ଠାନପ୍ରେମୀ, ଦରଦୀ , ଛାତ୍ରବତ୍ସଳ ପ୍ରଫେସର ଜୟନ୍ତ କୁମାର ଦାସଙ୍କ ବିୟୋଗରେ ଜଳେଶ୍ୱରର ଅନ୍ୟଏକ ଅଗ୍ରଗାମୀ ସଂଗଠନ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ଆଜି ଭଂଜ ଭବନ ପରିସରରେ ଏକ ଶୋକସଭା ସାମାଜିକ ଦୂରତା ଅବଲମ୍ବନ କରାଯାଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଶିକ୍ଷାବିତ୍ ତଥା ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଅଧ୍ୟକ୍ଷତା କରି ଅର୍ଥବଳ, ପରମାର୍ଥବଳଠାରୁ କୌଣସି ଗୁଣରେ ବଡ ନୁହେଁ ବୋଲି ଜୟନ୍ତ ବାବୁଙ୍କ ଦର୍ଶନ ସଂପର୍କରେ କହିଥିଲେ । ସଂଗଠନର ସଂପାଦକ ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଉଦ୍ଦେଶ୍ୟ ବର୍ଣ୍ଣନା ସହିତ ସ୍ୱର୍ଗତ ଦାସ ଜଣେ ବରିଷ୍ଠ ସଦସ୍ୟ ଥିବାରୁ ତାଙ୍କର ପରାମର୍ଶ ବହୁ ସମୟରେ ସଂଗଠନ ଗ୍ରହଣ କରିଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ପରିଡା, ଶଶାଙ୍କ ସେଖର ମହାନ୍ତି, ଡ. ଅଜିତ୍ କୁମାର ମହାନ୍ତି, ସାମ୍ବାଦିକ ରବୀନ୍ଦ୍ର ସେନାପତି, ସତ୍ୟ ନାରୋୟଣ ଦାସ, ରଂଜନ କୁମାର ଦେ ଓ ଅବନୀ କୁମାର ଚନ୍ଦ ପ୍ରମୁଖ ସ୍ୱର୍ଗତ ଦାସଙ୍କର ଅଭୁଲା ସ୍ମୃତି ବର୍ଣ୍ଣନା କରି ଅମର ଆତ୍ମାର ସଦ୍‌ଗତି ଓ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ଶ୍ରୀ ଦାସ ଓ ଆଜି ସବ୍ ହସ୍‌ପିଟାଲ୍‌ରେ ପରଲୋକ ହୋଇଥିବା ୭୫ ବର୍ଷ ବୟସର ରବିନ୍ଦ୍ର କୁମାର ପ୍ରଧାନଙ୍କ ପରଲୋକ ପାଇଁ ୨ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

ରସାୟନ ବିଜ୍ଞାନ ବିଭାଗରେ ଇ-ସେମିନାର

ନୂଆପଡା,୧୦।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ସ୍ୱୟଂଶାସିତ କଲେଜରେ ରସାୟନ ବିଜ୍ଞାନ ବିଭାଗ ତରଫରୁ ଏକ ଇ-ସେମିନାର ଅନୁଷ୍ଠିତ ହୋଇଯାଇଛି । ତେଜସ୍କ୍ରିୟ ମୌଳିକ ପଦାର୍ଥ ଏବଂ ଏକବିଂଶ ଶତାବ୍ଦୀରେ ତାର ବ୍ୟବହାର ଉପରେ ସେମିନାର ଅନୁଷ୍ଠିତ ହୋଇଥିଲା । ବିଭାଗୀୟ ମୁଖ୍ୟ ଡଃ ତରୁଣ କୁମାର ପ୍ରଧାନ ପ୍ରଥମେ ତେଜସ୍କ୍ରିୟ ପଦାର୍ଥ ଓ ତାର ବ୍ୟବହାର ଉପରେ ତାଙ୍କର ଉପସ୍ଥାପନା କରିଥିଲେ । ତାପରେ ଅଧ୍ୟାପିକା ରାଜଲକ୍ଷ୍ମୀ ରଥ ନାଭିକୀୟ ପ୍ରତିକ୍ରୀୟା ଉପରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଛାତ୍ର ହେମନ୍ତ ମେହେର ପାୱାର ପଏଂଟ ମାଧ୍ୟମରେ ବିଭିନ୍ନ ନାଭିକୀୟ ପ୍ରତିକ୍ରୀୟା ଓ ସେମାନଙ୍କର ବ୍ୟବହାର ଉପରେ ଉପସ୍ଥାପନା କରିଥିଲେ । ତାପରେ ପ୍ରଶ୍ନୋତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ଯୁକ୍ତ ୩ ଓ ପିଜି ର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ସମ୍ପାଦକ ରଶ୍ମିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

କୋଭିଡ୍ ବେଡ୍ କିଣାରେ ମହାଦୁର୍ନୀତି ନେଇ ଜଗନ୍ନାଥ ସେନାର ଅଭିଯୋଗ

ପୁରୀ,୧୦।୮ (ନି.ପ୍ର): ବିଶ୍ୱ ମହାମାରୀ କରୋନା ନାଁରେ ରାଜ୍ୟ ସରକାର ମହାଦୁର୍ନୀତି କରିଛନ୍ତି ବୋଲି ଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ୨୫ଶହ ଲୋକଙ୍କ ଚିକିତ୍ସା ପାଇଁ ୧୯ଶହ କୋଟି ଟଙ୍କା ଖର୍ଚ୍ଚ ହେଲାଣି । ଜଣେ ରୋଗୀ ପିଛା ୭ ଲକ୍ଷ, ୫୬ ହଜାର ୮୬୪ ଟଙ୍କା ଖର୍ଚ୍ଚ କରାଯାଇଥିବା କୁହାଯାଇଛି । ହେଲେ ବାସ୍ତବରେ ରୋଗୀ ପାଇଁ ୭ ଶହ ଟଙ୍କା ଖର୍ଚ୍ଚ କରାଯାଇନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । ଏହାସହ କରୋନା ନାଁରେ ରାଜ୍ୟ ସରକାର ଗଣମାଧ୍ୟମର କଣ୍ଠରୋଧ କରୁଛନ୍ତି । ଗଣମାଧ୍ୟମର ପ୍ରତିନିଧିମାନେ ପ୍ରବାସୀ ଓଡିଆ ମାନେ ଖାଇବା ସମୟର ପ୍ରକୃତ ଚିତ୍ର ଲୋକଲୋଚନକୁ ଆଣିବାରୁ ସରକାର ସେଗୁଡିକ ସବୁ ନଦେଖାଇବା ପାଇଁ ଆଇନ କରିଛନ୍ତି । ଯାହାଫଳରେ ସାଧାରଣ ଜନତା ସତ୍ୟ ଘଟଣା ଜାଣିବାରୁ ବଂଚିତ ହେଉଛନ୍ତି । ଯଦି ଗଣମାଧ୍ୟମ ପ୍ରତିନିଧି ସତ୍ୟ ଘଟଣା ଦେଖାଇ ଜେଲ୍ ଯାଆନ୍ତି ତେବେ ଶହ ଶହ ଲୋକ ଜେଲ୍ ଯିବେ ବୋଲି ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଗ୍ରାମାଂଚଳରେ ପ୍ରତି ପଚାଂୟତରେ କୋଭିଡ୍ କେୟାର ହୋମ୍ କରାଯାଇ ବେଡ୍ କିଣାରେ ମହାଦୁର୍ନୀତି ହୋଇଛି । ଏହାସହ ପିପିକିଟ୍, ମାସ୍କ, ଡଷ୍ଟବିନ୍, ସାନିଟାଇଜର ଓ ପେଟ୍ରୋଲ କିଣାରେ ମଧ୍ୟ ଦୁର୍ନୀତିର ଦୁର୍ଗନ୍ଧ ବାରି ହୋଇପଡୁଛି । ସାଧାରଣ ଜନତାଙ୍କୁ ୫ଟଙ୍କାରେ ମାସ୍କ ନଦେଇ ୫ଶହ ଟଙ୍କା ଫାଇନ ଆଦାୟ କରାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

ଚାଷୀଙ୍କ ପାଇଁ ୧ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଘୋଷଣା କଲେ ପ୍ରଧାନମନ୍ତ୍ରୀ

କୃଷି ଭିତିଭୂମି ପାଣ୍ଠି ଅଧୀନରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଉପକୃତ ହେବେ : କୃଷକମୋର୍ଚ୍ଚା

ଭୁବନେଶ୍ୱର,୧୦।୮ (ନି.ପ୍ର): କୋରନା ମହାମାରୀ ସମୟରେ ଦେଶର କୋଟି କୋଟି ଚାଷୀମାନଙ୍କୁ ସହାୟତା ଦେବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି କୃଷି ଭିତିଭୂମି ପାଣ୍ଠି ଅଧୀନରେ ୧ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଜନା ଆରମ୍ଭ କରିଛନ୍ତି । ଏହି ଯୋଜନାରେ କୃଷକ, ପି.ଏ.ସି.ଏସ, ଏଫ.ପି.ଓ, କୃଷି ଉଦ୍ୟୋଗୀ ମାନେ ସେମାନଙ୍କର କୃଷି ଭିତିଭୂମି ନିର୍ମାଣ କରିପାରିବେ । ଏହା ଦ୍ୱାରା କୃଷକ ଏବଂ କୃଷି କ୍ଷେତ୍ରକୁ ଆର୍ଥିକ ସ୍ତରରେ ସହାୟତା ମିଳିବା ସହ ଦେଶର ସମସ୍ତ କୃଷକ ଭାଇ ମାନେ ଏହାର ଲାଭ ଉଠାଇ ପାରିବେ । ସେହିପରି କିଷାନ ରେଲ ଯୋଜନା ହେଉଛି ରେଲ ଟ୍ରାକରେ ଚାଲୁଥିବା ଶୀତଳ ଭଣ୍ଡାର । ଏହି ରେଲଗାଡି ମୁମ୍ବାଇର ଦେବଲାଲିରୁ ବିହାରର ଦାନାପୁର ପର୍ଯ୍ୟନ୍ତ ଚାଲିବ । ଚାଷୀମାନେ ନିଜର ଫସଲକୁ ସହରକୁ ପଠାଇ ଲାଭବାନ ହୋଇ ପାରିବେ । ଚାଷ ଓ ଚାଷୀଙ୍କ ହିତ ଦୃଷ୍ଟିରୁ ମୋଦି ସରକାର ଅନେକ ଐତିହାସିକ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପ୍ରଦୀପ ପୁରୋହିତ ଏବଂ ମୋର୍ଚ୍ଚା ସାଧାରଣ ସଂପାଦକ ଶ୍ରୀ ସୁରଥ ବିଶ୍ୱାଳ । ରବିବାର ଛୁଟି ଦିନ ଥିଲେ ବି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧୀ ଯୋଜନାର ଷଷ୍ଠ କିସ୍ତିରେ ୮.୫ କୋଟି କୃଷକଙ୍କୁ ୧୭ ହଜାର କୋଟି ଟଙ୍କା ପଠାଇଛନ୍ତ ପ୍ରଧାନମନ୍ତ୍ରୀ । ଭିଡିଓ କନଫରେନ୍ସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ସଫଳ ଚାଷୀ ଉଦ୍ୟୋଗୀ, ସମବାୟ ସମିତି, କୃଷକ ଉତ୍ପାଦକ ସଂଘ ମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀ ସର୍ବଦା ଚାଷ ଓ ଚାଷୀଙ୍କୁ ପ୍ରାଥମିକତା ଦେଇ ଆସିଛନ୍ତି । ଚାଷ କ୍ଷେତ୍ର ଓ ଚାଷୀଙ୍କ ପାଇଁ ମୋଦି ସରକାର ସର୍ବଦା କାର୍ଯ୍ୟ କରି ଆସୁଛନ୍ତି । ଏହି କୃଷି ଭିତିଭୂମି ପାଣ୍ଠି ଅଧୀନରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀ ଉପକୃତ ହେବେ । ଏହି ଯୋଜନା ଦ୍ୱାରା ପ୍ରତି ପଂଚାୟତରେ ଉନ୍ନତ ମାନର କୃଷି ଭିତିଭୂମି ନିର୍ମାଣ ହେବା ସହ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ପୁରୋହିତ ଏବଂ ଶ୍ରୀ ବିଶ୍ୱାଳ କହିଛନ୍ତ ।

ଅଗଷ୍ଟକ୍ରାନ୍ତି ଐତିହାସିକ ଦିବସରେ କେନ୍ଦ୍ରରେ ମୋଦି ସରକାର ବିରୁଦ୍ଧରେ ଏଆଇସିସିଟିୟୁର ବିକ୍ଷୋଭ

ଭଦ୍ରକ, ୧୦/୮ (ହି.ସ.) -ଶ୍ରମିକ ବିରୋଧି, ଜନବିରୋଧି, ଦେଶ ବିରୋଧି ନୀତି ବିରୁଦ୍ଧରେ ଅଗଷ୍ଟ କାନ୍ତି ଦିବସରେ ସର୍ବଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ବିଭିନ୍ନ ଦାବୀ ନେଇ ଜେଲଭରୋ ଆନ୍ଦୋଳନକୁ ସଫଳ କରିବା ପାଇଁ ଏଆଇସିସିଟିୟୁ ପକ୍ଷରୁ ଭଦ୍ରକ ଜିଲ୍ଲାରେ ସଟ୍ ଡାଉନ୍‌କୁ ଆଖିଆଗରେ ରଖି ସରକାରଙ୍କ ଗାଇଡ୍ ଲାଇନ ଏବଂ ସାମାଜିକ ଦୂରତା ରଖାକରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କୋଭିଡ୍-୧୯ କବଳରେ ଭାରତବର୍ଷରେ ସରକାରଙ୍କ ଅପରିଣାମ ଦର୍ଶୀ ନୀତି କାରଣରୁ ଆଜି ଦେଶରେ ସାଧାରଣ ମଣିଷ ନାହିଁ ନଥିବା ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛି । କୌଣସି ପ୍ରାକ୍ ପ୍ରସ୍ତୁତିବିନା ତରବରିଆ ଭାବରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲକ୍ ଡାଉନ୍ ଓ ସଟ୍‌ଡାଉନ୍ ଘୋଷଣା ଦେଶର ଶ୍ରମ ଜୀବି ଜନତାଙ୍କ ଜୀବନ ଓ ଜୀବିକା ଛଡାଇ ନେଇଛି । ଲକ୍ଷ ଲକ୍ଷ ଶ୍ରମିକ ଆଜି ରାଜରାସ୍ତାରେ । ସେମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ସରକାରଙ୍କ ଭୂଲ ନୀତି କାରଣରୁ ଶତାଧିକ ଶ୍ରମିକ ମୃତ୍ୟୁବରଣ କରିଥିବାବେଳେ ଚାକିରୀ ହରାଇ, ମଜୁରୀ ନପାଇଁ ଆତ୍ମହତ୍ୟା କରିବାକୁ ସରକାର ବାଧ୍ୟ କରୁଛନ୍ତି । ପ୍ରବାଶୀ ଶ୍ରମିକମାନଙ୍କୁ ନିଜ ଖର୍ଚ୍ଚରେ ସେମାନଙ୍କ ଭିଟାମାଟିରେ ପହଞ୍ଚାଇବା ଦାୟିତ୍ୱ କେନ୍ଦ୍ର ଓ ରାଜ୍ୟ ସରକାର ଭୂଲିଗଲେ । ଏପରି କି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସ୍ୱତ୍ତେ ତାହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇନାହିଁ । ସମସ୍ତଙ୍କୁ ଅତିକମ୍‌ରେ ଛଅମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଖାଦ୍ୟସଶ୍ୟ ,ପ୍ରତ୍ୟେକ ଆୟକର ପ୍ରଦାନ କରୁ ନ ଥିବା ପରିବାରକୁ ଛଅମାସ ପାଇଁ ମାସିଆ ୭ହଜାର ୫ଶହ ଟଙ୍କାର ସହୟତା ଯୋଗାଇ ଦେବାକୁ ଶ୍ରମିକ ସଂଗଠନର ଦାବୀକୁ ସରକାର କର୍ଣ୍ଣପାତ କରୁ ନାହାନ୍ତି । ବେକାରୀ ସଂଖ୍ୟା ଆକାଶ ଛୁଆଁ ହୋଇ ୨୭ପ୍ରତିଶତରେ ପହଞ୍ଚିଲାଣି । ଆର୍ନ୍ତଜାତିକ ଶ୍ରମ ସଂଗଠନ ଆଇଏଲଓ ରିପୋର୍ଟ ଆନୁଯାଇ ୪୦କୋଟିରୁ ଉର୍ଦ୍ଧଲୋକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି । ବିଶେଷଜ୍ଞ ଙ୍କ ମତରେ ଗରିବ,ଦୃଷ୍ଟିହୀନତା ଓ ଅନାହାର କାରଣରୁ ମୃତ୍ୟୁ ସାଧାରଣ ଘଟଣାରେ ପରିଣତ ହେବାକୁ ଯାଉଛି । ୧୯୫୫ ମସିହାରେ ଅତ୍ୟବଶ୍ୟକ ସାମଗ୍ରିକ ଆଇନ୍ ସଂଶୋଧନ କରି କୃଷକ ଓ ସାଧାରଣ ଖାଉଟି ବିରୋଧୀ ନୀତିକୁ ତୀବ୍ରତର କରିଛି । ବହୁ ଆଡମ୍ବରରେ ଲଘୁକ୍ରୀୟା ପରି ତଥାକଥିତ ୨୦ଲକ୍ଷ କୋଟିର ପ୍ୟାକେଜ୍ ଗରିବ ମଣିଷପ୍ରତି କୂର୍ ଉପହାସ । ଏହି ପ୍ୟାକେଜ୍‌ରେ ସାଧାରଣଲୋକ, ଚାଷୀ ଓ ଶ୍ରମିକମାନଙ୍କ ପାଇଁ ବାସ୍ତବ କ୍ଷେତ୍ରରେ ଜିଡିପିର ଏକପ୍ରତିଶତରୁ ମଧ୍ୟ କମ୍ । କେନ୍ଦ୍ରୀୟ ଶ୍ରମିକ ସଂଗଠନମାନଙ୍କର ପ୍ରତିବାଦ ସତ୍ତେ ଅଢଚାଳିଶ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଓ ଅଢସଠି ଲକ୍ଷ ପ୍ରେନସନ୍ ଧାରୀଙ୍କ ମହଙ୍ଗା ଭତ୍ତା ସରକାର ବହନ କରିଛନ୍ତି ।ରାଜ୍ୟ ସରକାର କର୍ପୋରେଟ୍ ସ୍ୱାର୍ଥରେ ଶ୍ରମଆଇନ୍ ସଂଶୋଧନ କରୁଛନ୍ତି । କାରଖାନା ଆଇନ୍ ୧୯୪୮କୁ ପରିବର୍ତ୍ତନ କରି ଦୌନିକ ଶ୍ରମନିଘଣ୍ଟକୁ ଆଠଘଣ୍ଟାରୁ ୧୨ଘଣ୍ଟାକୁ ବୃଦ୍ଧି, ଶିଳ୍ପବିବାଦ ଆଇନ୍ ୧୯୪୭କୁ ପରିବର୍ତ୍ତନ କରି ୩ଶହ ଶ୍ରମିକ ପର୍ଯ୍ୟନ୍ତ କାର୍ଯ୍ୟକରୁଥିବା କାରଖାନାରେ ତାଲାବନ୍ଦ ଓ ଶ୍ରମିକ ଛଟେଇ ପାଇଁ ମାଲିକଙ୍କୁ କ୍ଷମତା ପ୍ରଦାନ କରାଯାଇଛି । ଏହି କାରଖାନା ଗୁଡିକରେ ଶ୍ରମଆଇନ୍‌ଗୁଡିକ କାର୍ଯ୍ୟକାରୀ ହେଉଛି କିନାହିଁ ତାହା ଆଉ ଶ୍ରମବିଭାଗ ତଦାରକ କରିପାରିବ ନାହିଁ।ଫଳରେ ଶ୍ରମିକ ଶୋଷଣ ସୀମା ରହିବ ନାହିଁ । ଶ୍ରମିକର ଅଜିତ ଛୁଟିକୁ ୨୪୦ଦିନରୁ ୧୮୦ଦିନକୁ କମାଇ ଦେବାକୁ ନିଷ୍ପତ୍ତି ହୋଇଛି । ସେହିପରି କୋଭିଡ୍ ଯୋଦ୍ଧା ଭାବରେ କାର୍ଯ୍ୟରତ ସଫେଇ କର୍ମଚାରୀ, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନ ଭୋଜନ ପାଚିକା, ୧୦୮ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ପାଇଁ ସରକାର କୌଣିସି ପ୍ରସ୍ତୋହନ କରିନାହାନ୍ତି। ଏହି ଆନ୍ଦୋଳନରେ ଶ୍ରମିକନେତା ସମର ବଳ,ପୂର୍ଣ୍ଣଚନ୍ଦ୍ର ଦାସ,ଜୟନ୍ତି ବିଶ୍ୱାଳ, ସଂଗ୍ରାମ ବଳ, ଜଗନ୍ନାଥ ବେହେରା, ରମାକାନ୍ତ ଦାସ,ଲକ୍ଷ୍ମୀପ୍ରିୟା ଦାସ, ସନ୍ଧ୍ୟାରାଣୀ ସାମଲ,ଶଙ୍କର ପ୍ରଧାନ, ରବିନ୍ଦ୍ର ସାମଲ, ମାନଗୋବିନ୍ଦ୍ର ମଲ୍ଲିକ୍, ବିଶ୍ୱରଂଜନ ନାୟକ ପ୍ରମୁଖ ଏହି ଆନ୍ଦୋଳନରେ ଯୋଗଦେଇଥିଲେ ।

କଟକର ଗ୍ରାମାଂଚଳ ଅପେକ୍ଷା ସହରାଂଚଳରେ ଅଧିକ କରୋନା ସଂକ୍ରମିତ

ଭୁବନେଶ୍ୱର,୧୦।୮ (ନି.ପ୍ର): କଟକ ଜିଲ୍ଲାରେ ଆରଟି-ପିସିଆର୍, ଟ୍ରୁନାଟ୍ ଓ ରାପିଡ୍ ଆଂଟିଜେନ୍ ଟେଷ୍ଟିଂ ବ୍ୟବସ୍ଥାରେ ୪୪ ହଜାର ୫୯୬ ନମୁନା ପରୀକ୍ଷା କରାଯାଇଛି । ତନ୍ମଧ୍ୟରୁ ୨୯୧୦ଟି କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ । ଗ୍ରାମାଂଚଳରେ ପଜିଟିଭ୍ ସଂଖ୍ୟା ୧୩୬୪ ଥିବାବେଳେ ସହରାଂଚଳରେ ୧୫୪୬ ରହିଛି । ସେଥି ମଧ୍ୟରୁ ୯୮୯ ଜଣ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାର ସୁସ୍ଥ ହାର ୬୬.୦୩ ପ୍ରତିଶତ ରହିଛି । ଜିଲ୍ଲାର ନରସିଂହପୁର, ବଡମ୍ବା ଓ ଆଠଗଡ଼ ବ୍ଲକ୍ ରୁ ଅଧିକ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ବୋଲି ଜିଲ୍ଲାରେ କରୋନା ମୁକାବିଲାର ସ୍ଥିତି ଉପରେ କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କଟକ ଏସ୍‌ସିବି ମେଡିକାଲ୍ କଲେଜରେ ୬୯ ଜଣ ପ୍ଲାଜ୍‌ମାଦାତାଙ୍କଠାରୁ ୧୩୮ ୟୁନିଟ୍ ପ୍ଲାଜ୍‌ମା ସଂଗୃହୀତ ହୋଇଥିଲା । ତନ୍ମଧ୍ୟରୁ ୧୦୪ ୟୁନିଟ୍ ପ୍ଲାଜ୍‌ମାର ବ୍ୟବହାର କ୍ରମେ ଗୁରୁତର କୋଭିଡ୍ ରୋଗୀ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାରେ ପ୍ଲାଜ୍‌ମା ଦାନକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରହିଛି ।

ଖଡିଆଳ ବିଧାନସଭାସ୍ତରୀୟ ରକ୍ତଦାନ ଶିବିର, ବିଜେଡିର ପ୍ରେସ ମିଟ

ନୂଆପଡା,୧୦।୮ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ପୂର୍ବବିଭାଗ ବଙ୍ଗଳା ଠାରେ ଖଡିଆଳ ବିଧାନସଭାସ୍ତରୀୟ ରକ୍ତଦାନ ଶିବିର ଆୟୋଜନ ନେଇ ଖଡିଆଳ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ପଶ୍ଚିମ ଓଡିଶା ବିକାଶ ପରିଷଦର ବିଶେଷଜ୍ଞ ସଦସ୍ୟ ତଥା ନୂଆପଡା ଜିଲ୍ଲା ବିଜୁ ଜନତା ଦଳ ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ଅଧ୍ୟକ୍ଷତା କରିଥିଲେ । ଆସନ୍ତା ୧୨ ଏବଂ ୧୩ ତାରିଖ ୨ ଦିନ ବ୍ୟାପୀ ଖଡିଆଳ ସହରର କୌଶଲ୍ୟା ମଣ୍ଡପ ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ଏଥିରେ ବିଭିନ୍ନ ବଦାନ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି ରକ୍ତଦାନ କରିବାକୁ ଆହ୍ୱାନ କରାଯାଇଛି । ନୂଆପଡା ଜିଲ୍ଲା ସମେତ ସାରା ରାଜ୍ୟରେ ରକ୍ତ ଅଭାବ ଦେଖା ଦେଉଥିବା ବେଳେ ବିଜେଡି ପକ୍ଷରୁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଉଥିବା ନେଇ ସୂଚନା ମିଳିଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମହିଳା ସଭାନେତ୍ରୀ ସରସ୍ୱତୀ ବାଗ, ଖଡିଆଳ ନଗର ସଭାପତି ଦୀପକ ଖମାରୀ, ସୁବିର ସିଂଦେଓ, ଚିତରଞ୍ଜନ ବେହେରା, ସହିଦ ମହମ୍ମଦ, ସେଫାଲି ସଲମା, ମମତାମଞ୍ଜରୀ ଥପା, ଦୟା ଥପା, ନିଖିଲ ମେହେର, ସନ୍ତୋଷ ବିଶି, ଚନ୍ଦ୍ରଶେଖର ଜାନୀ, ସଚିତ ଚଲାନ, ନିମାଇଁ ପଟେଲ, ପ୍ରହଲ୍ଲାଦ ପୋଡ ପ୍ରମୁଖ ଉପସ୍ଥିତ ଥିଲେ ।

ଧଳା ଜହର କବଜାରେ ଜଗତସିଂହପୁର : ବ୍ରାଉନସୁଗାର ଜବତ, ଜଣେ ଗିରଫ

ପାରାଦ୍ୱୀପ,୧୦।୮ (ନି.ପ୍ର): ଧଳା ଜହର କବଜାରେ ଜଗତସିଂହପୁର ଯୁବପୀଢି । ବିଶେଷ କରି ଯୁବକ ଓ ଛାତ୍ରମାନଙ୍କୁ ଗ୍ରାସ କରିବାରେ ଲାଗିଛି ଏହି ଜହର । ପରିସ୍ଥିତି ଏପରି ହୋଇଛି ଯେ ବିଭିନ୍ନ ଛକ ମାନଙ୍କରେ ବ୍ରାଉନ ସୁଗାର ବ୍ୟବସାୟୀ ସକ୍ରିୟ ହୋଇ ଉଠିଛନ୍ତି । ଅବକାରୀ ବିଭାଗ ଏବଂ ପୋଲିସ ଯେତେ ବ୍ରାଉନ ସୁଗାର ଜବତ କରିଥିଲେ ମଧ୍ୟ ଦିନକୁ ଦିନ ନୂଆ ବ୍ୟବସାୟୀ ମୁଣ୍ଡ ଟେକୁଛନ୍ତି । ଯାହା ଫଳରେ ଅଧିକରୁ ଅଧିକ କଲେଜ ଛାତ୍ର ଓ ଯୁବପିଢି ଏହି ଭୟଙ୍କର ନିଶାର ଶିକାର ହେଉଛନ୍ତି । ତେବେ ଆଜି ଜଗତସିଂହପୁର ଅବକାରୀ ବିଭାଗ । ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ୩୦ ହଜାର ହୋଇଥିବା ବେଳେ ଅଭିଯୁକ୍ତ ନିରଞ୍ଜନ ମହାନ୍ତିଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି । ଅନ୍ୟପଟେ ବ୍ରାଉନ ସୁଗାର କାରବାର ଜଗତସିଂପୁର ସହରରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଯୋଗୁଁ ଅବକାରୀ ବିଭାଗ ଆଗକୁ ଅଧିକ ସକ୍ରିୟ ହେବ ବୋଲି କହିଛନ୍ତି ଅବକାରୀ ଅଧିକାରୀ ପ୍ରତାପ କୁମାର ଦାଶ ।

କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

ନୂଆପଡା,୧୦।୮ (ନି.ପ୍ର): ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଖଡିଆଳ ଡିଭିଜନ ଶାଖା ତରଫରୁ ଡିଭିଜନ ସମ୍ପାଦକ ଯଦୁମଣି ପାଣ

କୋକେନ୍ ନିଶା ଦୂର କରିବ ବ୍ୟାୟାମ

ଚିନ୍ତା, ମାନସିକ ଚାପ, ନକାରାତ୍ମକ ଭାବନା ଓ ଜୀବନ ପ୍ରତି ବିତୃଷ୍ଣା ଭାବ ଆଦି ଅନେକ କାରଣରୁ କିଛି ଲୋକେ କୋକେନ ନିଶାରେ ପଡ଼ିଯାଆନ୍ତି । କିନ୍ତୁ ନିୟମିତ ଏରୋବିକ୍ କରିବା ଦ୍ୱାରା ମାନସିକ ଚାପଜନିତ କୋକେନ ନିଶା ହ୍ରାସ ପାଏ । ଏ ନେଇ ପଶୁଙ୍କ ଉପରେ ଅଧ୍ୟନ କରାଯାଇଛି । ଚାପଜନିତ ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ମଧ୍ୟ ବ୍ୟାୟାମ ପରିବର୍ତ୍ତନ ଆଣେ । କୋକେନ ନିଶାରେ କବଳିତ ବ୍ୟକ୍ତିଙ୍କଠାରେ ଚାପଜନିତ ସ୍ନାୟବିକ, ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୟୁବି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନ ଆଡିକ୍ସନସ ଆଣ୍ଡ ଡିପାର୍ଟମେଣ୍ଟ ଅଫ୍ ଫାର୍ମାକୋଲୋଜି ଆଣ୍ଡ ଟକ୍ସିକୋଲେଜିର ବରିଷ୍ଠ ବୈଜ୍ଞାନିକ ଥାନୋସ ଏହି ଅଧ୍ୟନର ନେତୃତ୍ୱ ନେଇଥିଲେ । ବ୍ୟୟାମ କିପରି ମସ୍ତିଷ୍କର ମେସୋଲିମ୍ବିକ୍ ଡୋପାମାଇନ ମାର୍ଗକୁ ପରିବର୍ତ୍ତନ



କରିପାରେ, ଯାହା କୋକେନ ଭଳି ଔଷଧର ଗୁଣ ସହ ସଂଶ୍ଳିଷ୍ଟ ସଦ୍ୟ ଅଧ୍ୟନରେ ତାହା ଦର୍ଶାଯାଇଛି । ଏଥିସହ ବ୍ୟାୟାମ ଚାପ ହରମୋନକୁ ହ୍ରାସ କରିବା ସହିତ ମନ ଭଲ ରଖେ । ଉଦବେଗ ଓ ନକାରାତ୍ମକ ଭାବନା ଦୂରୀକରଣ ସହ ଏହାର ସମ୍ପର୍କ ରହିଥିବା ବିହେଭିଓରାଲ ବ୍ରେନ ରିସର୍ଚ୍ଚ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି।

ସୁସ୍ଥତାର ସୂତ୍ର

ନିକଟରେ ଆମେରିକୀୟ ଗବେଷକ ଦଳ ୧୫୦୦ ଲୋକଙ୍କୁ ସାମିଲ କରି ଏକ ଗବେଷଣା ଆରମ୍ଭ କରିଥିଲେ । ପାଖାପାଖି ୨ବର୍ଷ ଧରି ଅନୁଧ୍ୟାନ ହେବା ପରେ ଜଣାପଡ଼ିଥିଲା ଯେ ନିୟମିତ ଭାବେ କମ କ୍ୟାଲୋରି ଯୁକ୍ତ ଖାଦ୍ୟ ସେବନ କଲେ ଜରେ ବ୍ୟକ୍ତି ସୁସ୍ଥ ଜୀବନଶୈଳୀ ଅତିବାହିତ କରିବ । ୨୧-୫୬ ବର୍ଷ ବିଷୟ ଲୋକଙ୍କୁ ଏଥିରେ ସାମିଲ କରାଯିବା ସହ ସେମାନଙ୍କୁ ନିୟମିତ ଭାବେ ଏକ ଖାଦ୍ୟ ତାଲିକା ଅନୁସାରେ ଭୋଜନ କରିବାକୁ ପରାମର୍ଶ ଦିଆଗଲା । କମ ତେଲରେ ରନ୍ଧା ଖାଦ୍ୟ ସହ ଉଷୁମ ପାଣି ପିଇବା ପ୍ରଥମରୁ କୁହାଗଲା । ସାଲାଡ, ଫଳମୂଳ, ସବୁଜ ପନିପରିବା ଡାଲଟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏହି ଲୋକଙ୍କ ମଧ୍ୟରେ କେତେଜଣ ହୃଦଯୋଗୀ ଓ ଉଚ୍ଚରକ୍ତଚାପ ରୋଗୀ ମଧ୍ୟ ଥିଲେ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ଯେ, ୨ବର୍ଷର ଏଭଳି ଖାଦ୍ୟପାନୀୟକୁ ଗ୍ରହଣ କରିବା ପରେ ସେମାନେ ସମ୍ପୂର୍ଣ୍ଣ ଭାବେ ସୁସ୍ଥ ହୋଇଯାଇଥିଲେ । ଗବେଷକଙ୍କ ମତରେ,ଏହି ଲୋକମାନେ ସମସ୍ତେ କର୍ମଜୀବୀ ଥିଲେ ଏଣୁ ଜିମ ଯିବା କିମ୍ବା ବ୍ୟାୟାମ କରିବା ନିମନ୍ତେ ଏମାନଙ୍କ ପାଖରେ ସମୟ ନଥିଲା । ସେଥିନିମନ୍ତେ ନିୟମିତ ଭୋଜନ ପରେ ସେମାନଙ୍କୁ ୩୦-୪୫ ମିନିଟ ଚାଲିବା ପାଇଁ କୁହାଗଲା । ଏହି ଲୋକମାନଙ୍କ ଓଜନ ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ଥିବାର ମଧ୍ୟ ଦେଖାଯାଇଛି । ମାସକୁ ଥରୁଟିଏ ଏମାନେ ଜଙ୍କଫୁଡ କିମ୍ବା ଫାଷ୍ଟଫୁଡ୍ ଖୁବ୍ ଅଳ୍ପ ପରିମାଣରେ ଖାଉଥିଲେ । କେବଳ ଏକ ଭିନ୍ନ ସ୍ୱାସ ଅନୁଭବ ନିମନ୍ତେ ଗବେଷକ ମୁଖ୍ୟ ସେମାନଙ୍କୁ ଏହି ପରାମର୍ଶ ଦେଇଥିଲେ ।

ଅଦା ଖାଇବା ପୂର୍ବରୁ ଜାଣିରଖନ୍ତୁ

- ଖାଦ୍ୟ ବିଶେଷଜ୍ଞଙ୍କ ମତରେ ଅଦା ଏକ ଉପଯୋଗୀ ପରିବା । ପ୍ରତ୍ୟେକଦିନ ବିଭିନ୍ନ ଖାଦ୍ୟଦ୍ରବ୍ୟରେ ଏହାର ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପବାରୀ । ସକାଳୁ ଖାଲିପେଟରେ ନଖଉଷୁମ ପାଣି ଗିଲାସରେ ଅଧ ଚାମଚ ଅଦା ରସ ମିଶାଇ ପିଇଲେ ସମସ୍ତ ପେଟ ସମସ୍ୟା ଦୂର ହୋଇଥାଏ ।
- ଅଦା ଫୁଟା ପାଣି ପିଇଲେ କାଶ ଦୂର ହେବା ସହ ଶରୀରକୁ ଶକ୍ତି ପ୍ରଦାନ କରେ ।
- ସକାଳବେଳା ଅଦା ଚା ପିଇବା ଖୁବ୍ ଉପକାରୀ ବୋଲି ବିଶେଷଜ୍ଞଙ୍କ ତଥ୍ୟରୁ ଜଣାପଡ଼ିଛି ।
- ଗର୍ଭବତୀ ମହିଳା ଅଦା ଖାଇବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ । କାରଣ ଗର୍ଭାବସ୍ଥାର ଶେଷ ୩ମାସରେ ଅଦା ଖାଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ ବୋଲି କେତେକ ତଥ୍ୟରୁ ପ୍ରକାଶ ।
- ଓଜନ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିବା ବ୍ୟକ୍ତି ଅଦା ଚା କିମ୍ବା ଅଦାମିଶ୍ରିତ ପାଣି ପିଇବା ଉତ୍ତମ । ତେବେ ଦୁର୍ବଳ ବ୍ୟକ୍ତି ଅଦା ଉପଯୋଗ ନକରିବା ଉଚିତ ।

ବିରାଡ଼ି ଦେଶ

ପଶ୍ଚିମ ସାଇବେରିଆ ଅନ୍ତର୍ଗତ ଏକ ଛୋଟିଆ ଗାଁର ନାମ- ପ୍ରିଗୋର୍ଦନି। ସେଠାରେ ଅଛି ଆଲା ଲେବଦେଭା ଫାର୍ମ। ଫାର୍ମ ମାଲିକାଣୀଙ୍କ ନାମ ଆଲା। ଆଲାଙ୍କ ଫାର୍ମରେ ଏତେ ସଂଖ୍ୟକ ବିଲେଇ ଅଛନ୍ତି ଯେ, ସ୍ଥାନୀୟ ଲୋକେ କହନ୍ତି 'କୋସଲାଣ୍ଡିଆ' ଏହାର ଅର୍ଥ ବିରାଡ଼ି ଦେଶ। ଫାର୍ମରେ ଏକଦା ବିରାଡ଼ି ନଥିଲେ। ୨୦୦୩ ରେ ଆଲା ଓ ତାଙ୍କ ସ୍ୱାମୀ ସର୍ଗେଇ ପ୍ରଥମଥର ପାଇଁ ବିରାଡ଼ିଟିଏ ଆଣି ପାରିଲେ। ଶ୍ରଦ୍ଧାରେ ନାଁ ଦେଲେ ବାବୁସ୍କା। ଏକବର୍ଷ ପରେ ବାବୁସ୍କା ପାଞ୍ଚଟି ଛୁଆ ଦେଲା। କ୍ରମଶଃ ବିରାଡ଼ି ସଂଖ୍ୟା ବଢ଼ି ଚାଲିଲା। ଏବେ ଯେଉଁ ଆଡ଼େ ଦେଖିବ, ଅଶଖିରେ ପଡ଼ିବେ ବିରାଡ଼ି। ଏତେ ସଂଖ୍ୟକ ବିରାଡ଼ିଙ୍କୁ ନେଇ ଆଲାଙ୍କର କୌଣସି ସମସ୍ୟା ନାହିଁ। କାରଣ, ବିରାଡ଼ିଗୁଡ଼ିକ ଖାଦ୍ୟ ପାଇଁ ତାଙ୍କ ଉପରେ ନିର୍ଭର କରୁନାହାନ୍ତି।

ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

- ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।
- କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।
- ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।

- ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।

- ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।
- ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।
- ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

ମହିଳାମାନଙ୍କୁ ବାରଣ

ବିଶ୍ୱର ପ୍ରାୟତଃ ସବୁ ଦେଶରେ କେତେ ପ୍ରକାରର ନିୟମ ତିଆରି ହୋଇଛି । ଅନେକ ସ୍ଥାନରେ ପୁରୁଷ ଓ ମହିଳାମାନଙ୍କୁ ସମାନ ଅଧିକାର ଦିଆଯାଇଥାଏ । ଅନେକ ସ୍ଥାନରେ ମଧ୍ୟ ଅନ୍ତର ଦେଖା ଯାଇଥାଏ । କିନ୍ତୁ ଜାପାନରେ ଏପରି ଏକ ସ୍ଥାନ ରହିଛି ଯେଉଁଠାରେ ମହିଳା ମାନଙ୍କୁ ଯିବାପାଇଁ ବାରଣ କରାଯାଏ ଓ ପୁରୁଷମାନଙ୍କ ପାଇଁ କଡ଼ା ନିୟମ ତିଆରି ହୋଇଛି । ଜାପାନରେ ଥିବା ଏହି ସ୍ଥାନକୁ ଓକିନୋଶିମା ଆଇଲ୍ୟାଣ୍ଡ ଭାବରେ ସମସ୍ତେ ଜାଣନ୍ତି । ଏହି ଆଇଲ୍ୟାରଣ୍ଡକୁ ଧାର୍ମିକ ସ୍ଥାନ ଭାବରେ ସମସ୍ତେ ମାନିଥାନ୍ତି । ତେଣୁ ପୁରାତନ ସମୟରୁ ସେଠାରେ ଧାର୍ମିକ ପାବନ୍ଧି ରହିଆସିଛି । ସେହି ଆଇଲ୍ୟାଣ୍ଡରେ ମୁନାକାତା ତାଇଶା ଓକିତସ୍କୁ ମନ୍ଦିର ଅବସ୍ଥିତ ଓ ସେଠାରେ ସମୁଦ୍ର ଦେବୀଙ୍କୁ ପୂଜା କରାଯାଏ । ସେଠାକୁ ଯିବାକୁ ହେଲେ ପୁରୁଷମାନଙ୍କୁ ନିବସ୍ତ୍ର ହୋଇ ସ୍ନାନ କରିବାକୁ ପଡ଼େ । ସେଠାରେ ଥିବା କଠୋର ନିୟମ ଅନୁସାରେ ବର୍ଷରେ କେବଳ ୨୦୦ ପୁରୁଷ ଏହି ଟାପୁକୁ ଯାଇ ପାରିବେ । ଯେଉଁ ଲୋକମାନେ ସେଠାକୁ ଯାଉଛନ୍ତି ସେମାନଙ୍କୁ କୌଣସି ଜିନିଷ ଏପରିକି ଘାସ ମଧ୍ୟ ସାଙ୍ଗରେ ଆଣିବାକୁ ଅନୁମତି ନାହିଁ । ୟୁନେସ୍କୋ ଏହି ଆଇଲ୍ୟାଣ୍ଡକୁ ବିଶ୍ୱ ଧରୋହରର ମାନ୍ୟତା ଦେଇଛି ।

'ବିଗ୍ ବସ୍-୧୪'କୁ ସାହିଲଙ୍କ ନା

'ବିଗ୍ ବସ୍-୧୪'କୁ ନେଇ ଦର୍ଶକଙ୍କ ଉତ୍ସାହ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏହି ବିବାଦୀୟ ଶୋ'ର ରିଲିଜ୍ ତାରିଖ ଯେତିକି ପାଖେଇ ଆସୁଛି, ଏଥର ବିଗ୍ ବସ୍ ଘରେ କିଏ କିଏ ସ୍ଥାନ ପାଇବେ ତାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସୁକତା ଆହୁରି ବଢ଼ିଯାଉଛି । ନିୟା ଶର୍ମାଙ୍କଠୁ ଆରମ୍ଭ କରି ବିଭିଆନ ଦସେନା ଆଦି ଇଣ୍ଡଷ୍ଟ୍ରିର ଅନେକ ଲୋକପ୍ରିୟ ଚେହେରାଙ୍କ ନାଁ ଏବେ ସୁଦ୍ଧା ସାମ୍ନାକୁ ଆସିଛି, ଯେଉଁମାନେ ସଲ୍‌ମାନଙ୍କ ସଂଚାଳନାରେ ଆରମ୍ଭ ହେବାକୁ ଯାଉଥିବା ଏହି ଶୋ'ରେ ସାମିଲ ହେବେ । ଏବେ ଖବର ମିଳିଛି, ବଲିଉଡ୍ ଅଭିନେତା ସାହିଲ ସାଲାଥିୟା 'ବିଗ୍ ବସ୍-୧୪' ଅଫର୍ ପାଇଛନ୍ତି । କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିବା ଚର୍ଚ୍ଚା ହେଉଛି ଏକ ଖବରସଂସ୍ଥା ସହ ସଦ୍ୟ ସାକ୍ଷାତକାରରେ ସାହିଲ ସ୍ୱୀକାର କରିଛନ୍ତି ଯେ ତାଙ୍କୁ 'ବିଗ୍ ବସ୍'ର ଅପ୍‌କମିଙ୍ଗ ସିଜନ୍‌ର ଅଫର ମିଳିଥିଲା । କିନ୍ତୁ ଶୋ'ରେ ଭାଗ ନେବାକୁ ସେ ସିଧା ସିଧା ମନା କରିଦେଇଛନ୍ତି । ଏହାର କାରଣ ସେ କହିଛନ୍ତି, ସେ ଆଜି ପର୍ଯ୍ୟନ୍ତ କେବେ 'ବିଗ୍ ବସ୍' ଦେଖିନାହାନ୍ତି । ତା'ଛଡ଼ା ସେ ଜଣେ ଅଭିନେତା । ଅଭିନୟ ତାଙ୍କର ନିଶା । ଭିନ୍ନ ଭିନ୍ନ ଚିନ୍ତାଧାରାର କିଛି ଲୋକଙ୍କ ସହିତ ଗୋଟିଏ ଘରେ ବନ୍ଦୀ ହୋଇ ରହିବା ତାଙ୍କ ପାଇଁ ସମ୍ଭବ ନୁହେଁ ବୋଲି ସାହିଲ କହିଛନ୍ତି । ଯଦି ତାଙ୍କର 'ବିଗ୍ ବସ୍'ରେ ଭାଗ ନେବାର ଥାନ୍ତା, ତେବେ ଅତୀତରେ ଯେତେ ସିଜନ୍ ଯାଇଛି, ତା'ର ସବୁଠୁ ଖରାପ ପ୍ରତିଯୋଗୀଙ୍କ ଶୀର୍ଷରେ ତାଙ୍କ ନାଁ ଥାନ୍ତା । କିନ୍ତୁ ମନୋରଞ୍ଜନ ପାଇଁ ଝଗଡ଼ା କିମ୍ବା ଗାଳିଗୁଲଜ

କରିପାରିବେ ନାହିଁ । ବୋଲି ସେ ଖୋଲାଖୋଲି କହିଛନ୍ତି । କୃତି ସାନନ୍, ଅର୍ଜୁନ କପୁର ଓ ସଞ୍ଜୟ ଦତ୍ତ ଷ୍ଟାରର୍ 'ପାନିପତ୍' ଜରିଆରେ ସାହିଲ ବଲିଉଡ୍‌ରେ ପାଦ ଦେଇଥିଲେ । ଏଥିରେ ସେ ଶମଶେର ବାହାଦୂର ଭୂମିକା ନିର୍ବାହ କରିଥିଲେ । ଆସନ୍ତା ସେପ୍ଟେମ୍ବର ୨୦ ତାରିଖରୁ 'ବିଗ୍‌ବସ୍-୧୪'ର ପ୍ରସାରଣ ହେବ ବୋଲି ଚର୍ଚ୍ଚା ହେଉଛି ।

ପକ୍ଷାଘାତ

ଯଦି ଅଚାନକ ମସ୍ତିଷ୍କର କୌଣସି ଅଂଶରେ ରକ୍ତର ପ୍ରବାହ ବନ୍ଦ ହୋଇଯାଏ ବା ମସ୍ତିଷ୍କେର କୌଣସି ରକ୍ତ ବାହିକା ଫାଟିଯାଏ ଓ ମସ୍ତିଷ୍କର କୋଶିକାଗୁଡ଼ିକ ପାର୍ଶ୍ୱରେ ରକ୍ତ ଭରିଯାଏ ତେବେ ଏହା ପକ୍ଷାଘାତ ହୋଇଛି ବୋଲି ଜାଣା ପଡ଼ିଥାଏ । ପକ୍ଷାଘାତରେ ସାଧାରଣତଃ ଶରୀରରେ କୌଣସି ଭାଗକୁ ଅଚଳ କରିଦେଇଥାଏ । କେବଳ ଚେହେରା, ଗୋଟେ ହାତ, ଗୋଟେ ଗୋଡ଼ ବା ଶରୀରକୁ ଦୁର୍ବଳ କରିଦିଏ । ମସ୍ତିଷ୍କରେ ଅପର୍ଯ୍ୟପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷ୍କରେ ଅପର୍ଯ୍ୟପ୍ତ ରକ୍ତ ଆପୂର୍ତ୍ତି ସ୍ଥିତିରେ ମସ୍ତିଷ୍କଶ୍ରର କୋଶିକାଗୁଡ଼ିକରେ ଅକ୍ସିଜେନ ଓ ପୋଷଣର ଅଭାବକୁ ସ୍ଥାନିକାରକ୍ତତା କୁହାଯାଏ । ଏହୀ କାରଣରୁ ମସ୍ତିଷ୍କର କୋଶିକା ମୃତ ହୋଇଯାଏ ଓ ଅନ୍ତତଃ କ୍ଷତିଗ୍ରସ୍ତ ମସ୍ତିଷ୍କରେ ତରଳ ଯୁକ୍ତ ଗୁହିକା ତାହାର ସ୍ଥାନ ନେଇଥାଏ । ଯେଉଁ ବ୍ୟକ୍ତିର ମସ୍ତିଷ୍କର ବାମ ଗୋଲାର୍ଦ୍ଧ ଡାହାଣ ପାର୍ଶ୍ୱକୁ ପାରାଲିସିସ ହୁଏ । ଯେଉଁ ବ୍ୟକ୍ତିଙ୍କର ଡାହାଣ ହେମିସ୍ପିୟରରେ ଆଘାତ ଲାଗେ ତାର ବାମ ଅଙ୍ଗ ଅର୍ଦ୍ଧାଙ୍ଗର ଶିକାର ହୁଏ । ମସ୍ତିଷ୍କରେ ରକ୍ତପ୍ରବାହ ବାଧିତ ହେଲେ ମସ୍ତିଷ୍କର କିଛି କୋଶିକା ତୁରନ୍ତ ମୃତ ହୋଇଯାନ୍ତି ଓ ଅବଶିଷ୍ଟ କୋଶିକାଙ୍କର ମୃତ ହେବାର ଆଶଙ୍କା ବୃଦ୍ଧି ପାଇଥାଏ । ସଠିକ୍ ସମୟରେ ଔଷଧ ସେବନ ଦ୍ୱାରା କ୍ଷତିଗ୍ରସ୍ତ କୋଶିକାମାନଙ୍କୁ ଜୀବିତ ରଖାଯାଇପାରିବ । ଅଧ୍ୟନରୁ ଜଣାପଡ଼ିଛି ଯେ ଆଘାତ ଲାଗିବାର ତିନି ଘଣ୍ଟା ମଧ୍ୟରେ ରକ୍ତ ଜମାଟକୁ ତରଳେଇବାର ଟିସ୍ୟୁ ପ୍ଲାଜମନୋଜେନ ଏକ୍ଟିଭେଟର ଦେଇ ଏହି କୋଶିକାରେ ରକ୍ତ ପ୍ରବାହ କରାଯାଇ ପାରିବ । ପ୍ରାରମ୍ଭିକ ଆକ୍ରମଣ ପରେ ହୋଇଥିବା କ୍ଷତିକୁ ବନ୍ଦ କରିବା ପାଇଁ ବହୁତ ପ୍ରକାରର ନ୍ୟୁରୋ ପ୍ରୋଟେକଟିଭ ମେଡିସିନ ଉପରେ ପରୀକ୍ଷଣ ଚାଲିଛି ଲୋକମାନେ ପକ୍ଷାଘାତକୁ ବ୍ରେନ ଷ୍ଟ୍ରୋକ୍ ଭାବରେ ନେବା ଓ ତୁରନ୍ତ ଚିକିତ୍ସା କରିବା ଉଚିତ୍ ।





ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଧୈର୍ଯ୍ୟର ଆବଶ୍ୟକ...

ତମାମ ବିଶ୍ୱରେ କରୋନା ସଂକ୍ରମଣ ମାତ୍ରା ଏତେ ବେଶି ହୋଇଯାଇଛି ଯେ, ସେଥିରୁ ରକ୍ଷା ପାଇବା ଲାଗି ସମସ୍ତେ ତ୍ରାହି ତ୍ରାହି ଡାକ ଛାଡୁଛନ୍ତି । ଲକ୍ଷ ଲକ୍ଷ ସଂକ୍ରମିତ ହେଉଛନ୍ତି, ହଜାର ସଂଖ୍ୟାରେ ଲୋକ ସକ୍ରିୟ ସଂକ୍ରମଣରେ ରହିବା ଫଳରେ ଚିକିତ୍ସା ପାଇଁ ଆଖିଦୃଶିଆ ତଥା ଫଳପ୍ରଦ ବ୍ୟବସ୍ଥା ହୋଇପାରୁନାହିଁ । କରୋନା ସଂକ୍ରମଣ ଯେହେତୁ ସମସ୍ତଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ । ଯେତେ ଉଦ୍ୟମ କରାଯାଉଥିଲେ ହେଁ, କରୋନାର ସଂକ୍ରମଣର ଗତି ଏତେ କ୍ଷୀପ୍ର ହେଉଛି, ତାହାକୁ ରୋକିବା ସକାଶେ କଛି ସୁଦ୍ଧା ଉଦ୍ୟମ ଫଳପ୍ରସୂ ହେବା ତ ଦୂରର କଥା, କୌଣସି ଭାବରେ ସୀମିତ କରିହେଉନାହିଁ । ପ୍ରତିଷେଧକ ଟିକା ବା ଇଂଜେକ୍ସନ ବାହାରିବା ପ୍ରକ୍ରିୟା ଯେତେଶୀଘ୍ର ସମ୍ପୂର୍ଣ୍ଣ ହେବ, ତାହାର ସୁଫଳ ପାଇବା ସକାଶେ ବିଶ୍ୱବାସୀ ଜଗି ରହିଛନ୍ତି । ତାହାରି ଭିତରେ ସଂକ୍ରମଣ, ଚିକିତ୍ସା ଓ ଉପଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସକାଶେ କୋଭିଡ୍ ଯୋଦ୍ଧାମାନେ ଦିନ ରାତି ଲାଗି ପଡ଼ିଛନ୍ତି । କେବେ ସେହି ସୁଦିନ ଆସିବ, ତାହାକୁ ସମସ୍ତଙ୍କ ଅପେକ୍ଷା । ସେପର୍ଯ୍ୟନ୍ତ ସାମାଜିକ ଦୂରତା, ମାସ୍କ ପରିଧାନ ସହିତ ଆନୁଷଙ୍ଗିକ ସାବଧାନତା ପାଇଁ ଯେତିକି କରାଯାଉଛି, ତାହାର ସୁଦୂର ପ୍ରସାରୀ ଅନୁଭୂତି ସମସ୍ତେ ପାଉଛନ୍ତି । ଭୂତାଣୁ ସଂକ୍ରମଣଜନିତ କ୍ଷତି କେବଳ ସମକାଳୀନ ବ୍ୟବସ୍ଥାକୁ ବିଗାଡ଼ି ସାରିଛି ତାହା ନୁହେଁ, ତାହାର ଦୀର୍ଘମିଆଦୀ ମନ୍ଦ ପରିଣତି ସମସ୍ତଙ୍କୁ ଭୋଗିବାକୁ ପଡୁଛି । ଚାଲୁଥିବା କଳକାରଖାନାରେ ତାଲା ପଡ଼ିସାରିଛି, ସେଗୁଡ଼ିକ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଶ୍ରମିକ ଓ କର୍ମଚାରୀମାନେ ହାତବାନ୍ଧି ବସିଛନ୍ତି । ଅଭାବ ଅନଟନର ଜ୍ୱାଳା ସହିନପାରି ବହୁ ବ୍ୟକ୍ତି ଆତ୍ମହତ୍ୟା କରିସାରିଲେଣି । ଅର୍ଥନୀତି ବିଗିଡ଼ିଯିବା ପରେ ଏଭଳି କୌଣସି ଦେଶ ନାହିଁ, ଯାହାର କି ଅଭିବୃଦ୍ଧି ହାର ତଳମୁହାଁ ନହୋଇଛି । ଅନ୍ୟ ଦେଶଗୁଡ଼ିକ କଥା ବିଚାର କରିବାର କ୍ଷେତ୍ର ଏହା ନୁହେଁ । ତଥାପି ବିଶ୍ୱ ବ୍ୟବସ୍ଥାରେ କୌଣସି ଦେଶର ସ୍ଥିତିକୁ ଅଲଗା କରି ବିଚାର କରାଯାଇନଥାଏ । ବିଶ୍ୱ ପରିପ୍ରେକ୍ଷୀରେ ଦେଖାଗଲେ ଆମେରିକା, ବ୍ରିଟେନ, ଫ୍ରାନ୍ସ ଭଳି ଧନୀ ରାଷ୍ଟ୍ର କୋଭିଡ ସଂକ୍ରମଣ ପାଇଁ ରୀତିମତ ଆଣ୍ଠେଇ ପଡ଼ିଲେଣି । ଭାରତ ଭଳି ବିକାଶଶୀଳ ଦେଶ ଏ କ୍ଷେତ୍ରରେ କିଭଳି ସଙ୍କଟର ସମ୍ମୁଖୀନ ହେଉଛି, ତାହା ସହଜରେ ଅନୁମେୟ । ଏସିଆ, ଆଫ୍ରିକା ଓ ଲାଟିନ୍ ଆମେରିକା କରୋନା ସଂକ୍ରମଣର ଜ୍ୱାଳାରେ ଅତିଷ୍ଠ ହୋଇପଡ଼ିଛନ୍ତି । କୃଷି, ଶିଳ୍ପ ଭଳି ବିଭିନ୍ନ ଉଦ୍ୟୋଗ କରୋନା ଦ୍ୱାରା ପ୍ରତିକୂଳ ଭାବେ ପ୍ରଭାବିତ ହୋଇସାରିଲେଣି । ବିଶ୍ୱ ମୁଦ୍ରାପାଣ୍ଠି ଏବଂ ବିଭିନ୍ନ ସଂସ୍ଥା ଏବେଠାରୁ କହିସାରିଲେଣି, ଭାରତ ଯେଉଁ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛି, ତାହା ଲମ୍ବା ସମୟ ପାଇଁ ରହିବା ଥୟ । ଧନୀ କିମ୍ବା ଶିଳ୍ପୋନ୍ନତ ରାଷ୍ଟ୍ର କୌଣସିମତେ ମହାସଙ୍କଟର ମୁକାବିଲା ସକାଶେ ରାସ୍ତା ବାହାର କରିବାର କୌଶଳ ଜାଣନ୍ତି । ହେଲେ ଅଭିଜ୍ଞତା କହୁଛି, ଆର୍ଥିକ ତଥା ସ୍ୱାସ୍ଥ୍ୟ ସଙ୍କଟ ନେଇ ବିକାଶଶୀଳ ଦେଶଗୁଡ଼ିକ ହାତରେ ସେମିତି କିଛି ସାଧନ ନାହିଁ, ଯଦ୍ୱାରା ତାହାଳିକ କିମ୍ବା ଦୀର୍ଘମିଆଦୀ ପନ୍ଥା ବାହାର କରାଯାଇପାରିବ । ବିଶ୍ୱ ମୁଦ୍ରାପାଣ୍ଠି ସମୁଦାୟ ସ୍ଥିତି ଉପରେ ତର୍କମାପୂର୍ବକ ଯେଉଁ ଚେତାବନୀ ଶୁଣାଇଦେଇଛି; ସେଥିରେ କୁହାଯାଇଛି- ଏହି ଦେଶଗୁଡ଼ିକରେ ଦିନକୁ ଦିନ କର୍ପୋରେଟ୍ ଠକେଇର ମାତ୍ରା ବଢ଼ିଚାଲିଛି । କରୋନା ସଙ୍କଟରୁ ମୁକୁଳିବାର କିଛି ଉପକ୍ରମ ଦିଶୁ ନଦିଶୁଣୁ ତସ୍କରମାନେ ସକ୍ରିୟ ହୋଇଉଠିବେ ବୋଲି ଆଇଏମ୍ଏଫ୍‌ର ଆଶଙ୍କା । ଏଭଳି ଆଶଙ୍କାକୁ ତୁରନ୍ତ ଅମୂଳକ କହି ଏଡ଼ାଇ ଦିଆଯାଇନପାରେ । ଯେଉଁ ଦେଶରେ ଆର୍ଥିକ ସଙ୍କଟ ଯେତେ ସଙ୍କଟଗ୍ରସ୍ତ, ଦୁଃସ୍ଥିତିରୁ ଫାଇଦା ଉଠାଇବା ସକାଶେ ତସ୍କରମାନେ ସେତେ ସକ୍ରିୟ । ସମୀକ୍ଷା କହୁଛ: ଭିଏତନାମ, ଉରୁଗୁଏ ଭଳି ଦେଶରେ ଭୂତାଣୁ ସଂକ୍ରମଣ ବେଶି ହୋଇନାହିଁ । ଅର୍ଥାତ୍, ସେହି ଦେଶଗୁଡ଼ିକ ତୁଳନାରେ ବିକଶିତ ଦେଶଗୁଡ଼ିକରେ ସଂକ୍ରମଣ ମାତ୍ରା ଢେର୍ ବେଶୀ । ଭାରତ ଭଳି ବିକାଶଶୀଳ ଦେଶ ପୂରା ଦମ୍ ଲଗାଇ କରୋନ ସହ ଲଢୁଛି । ତାହାରି ଭିତରେ ୨୦୨୦-୨୧ ଆର୍ଥିକ ବର୍ଷରେ ବିକାଶ ହାର ପୂର୍ବାପେକ୍ଷା ଧିମା ରହିବାର ଆଶଙ୍କା ଉଙ୍କି ମାରିଛି । ଆମ ନିକଟରେ ସୀମିତ ସାଧନ ରହିଛି, ତାହାରି ବଳରେ ବିକାଶ ହାରକୁ ଅଧିକ ଉଚ୍ଚରେ ରଖିବା ସକାଶେ ପ୍ରୟାସ ଚାଲିଥିବା ମଧ୍ୟରେ କରୋନା ସଂକଟ ବିଗାଡ଼ି ଦେଉଥିବା ସ୍ଥିତିରୁ ଉଦ୍ଧାରର ପାଇବା ଲାଗି ଲମ୍ବା ସମୟ ଲାଗିଯିବା ନିଶ୍ଚୟ ।

ଛୋଟ ମୋ ଗାଆଁ ହସେ....

ଶରତ କୁମାର ଦାସ

ନଈ ନାଳ ଘେରା ସୁଷମାରେ ଭରା
ଛୋଟ ମୋର ଗାଆଁ ହସେ,
ହସି ଦେଲେ ଥରେ ମୋ ଛୋଟ ଗାଆଁଟି
ଆଶିଷର ଟୋପା ଖସେ ।

ବଣ ପାହାଡ଼ର ଉହାଡ଼ରେ ଲୁଚି
ମୋ ଗାଆଁ ଅଳପ ଦିଶେ,
ସଂଜ ନଇଁଗଲେ ଜହ୍ନର ଜୋଛନା
ସତେକି ମାଟିରେ ମିଶେ ।

ମୋ ଗାଆଁ ଆକାଶେ ଢାଙ୍କି ଯାଏ ଯେବେ
ଖଣ୍ଡ ଖଣ୍ଡ ମେଘମାଳ,
ବରଷାରେ ଭିଜେ ମୋ ଚାଳ ଛପର
ଭରିଯାଏ ନଈ ନାଳ ।

ଏଇ ମୋର ଛୋଟ ଗାଆଁର ମାଟିରେ
ରହିଛି ମୋର ଷଠି ଘର,
ବିପଦେ ଆପଦେ କୋଳେଇ ନିଏ ସେ
ନଥାଏ କାହାକୁ ଡର ।

ଜନମ ହୋଇଛି ଠୁକୁ ଠୁକୁ ଚାଲି
ବଢ଼ିଛି ମୁଁ ତାଆ କୋଳେ,
ତା' ମଧୁର ଭାବ ସେନହ ଶରଧା
ମମତାର ରଙ୍ଗ ବୋଳେ ।

ମେଳା ମଉଛବ ପୂନେଇଁ ପରବ
ସାଙ୍ଗସାଥୀ କେତେ ମେଳ,
ମୋ ଗାଆଁ ଛାତିରେ ପାଦ ରଖି ଧୀରେ
ଖେଳିଛି କେତେ ମୁଁ ଖେଳ ।

ବାଗୁଡ଼ି, କବାଡ଼ି, ବୋହୂଚୋରୀ ପୁଣି
ରଙ୍ଗ ଅବିରର ଖେଳ,
ରଜ ଦଶହରା ଯାନିଯାତରାରେ
ଗଡ଼ିଯାଇଛି ତ ବେଳ ।

ପଖାଳ କଂସାକୁ ବଢ଼ି, ବାଇଗଣ
ଏବେ ବି ମୋ ମନ ଝୁରେ,
କେତେ ହସ ଖୁସି ପିଲା ଦିନ ମୋର
ରହିଗଲା କାହିଁ ଦୂରେ ।

ଯେତେ ଦୂରେ ଥିଲେ ଯେଉଁଠି ବି ଥିଲେ
ମୋ ଗାଆଁ ମହକ ଛୁଏଁ,
କିରି କିରି ହସି ଧାଏଁ ମୋର ମନ
ଭକତିରେ ମଥା ନୁଏଁ ।

+ ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ: ୮୨୪୯୧୩୭୦୯୧

ମାୟାଧର ନାୟକ

ଜଡଜଗତରେ ଜଡିତ ହେବାକୁ ଏ ଜୀବଜଗତ

ଆମେ ପ୍ରକୃତି ସହିତ ଖେଳଖେଳିଲେ । ଏବେ ପ୍ରକୃତିର ଭୟଙ୍କର ଖେଳ ଆରମ୍ଭ ହୋଇଯାଇଛି । ଆମେ ଆମର ବଡିମା ଦେଖାଇବା ପାଇଁ ମାଟି, ପାଣି, ପବନ, ଆକାଶକୁ ଅକ୍ତିଆରରେ ଆଣିବାପାଇଁ ନୂଆ ନୂଆ ଯନ୍ତ୍ରପାତି, ମାରଣାସ୍ତ୍ର ବ୍ୟବହାର କଲେ । ଧରଣୀ ବକ୍ଷକୁ ବିଦାରି ଆମେ ଖଣିଜପଦାର୍ଥ ବାହାର କଲେ, ଜଙ୍ଗଲ ନଷ୍ଟ କଲେ, ପାଣିକୁ ବିଷାକ୍ତ କଲେ, ମାଟି ଉପରେ କଂକ୍ରିଟ୍ ବିଛାଇ ବହୁ ତାଲା ବିଶିଷ୍ଟ ଅଟ୍ଟାଳିକା ଗଢିତୋଳିଲେ, ବିଭିନ୍ନ ପ୍ରକାର ବିଷାକ୍ତ ମାରଣାସ୍ତ୍ର ପ୍ରସ୍ତୁତ କରି ପାଣି, ପବନ, ଆକାଶକୁ ଛିନ୍ନବିଛିନ୍ନ କରିଦେଲେ । ଆଜି ନୀଳଆକାଶ ତଳର ଧୂସର ପର୍ବତ - ସବୁଜ ପ୍ରାନ୍ତର ହଳଦିଆ ଭିଟାମାଟି, ଏ ସେବୁ ଆଉ ନାହିଁ । କମ୍ପାନୀମାନଙ୍କ କଳାଧୂଆ ଆଜି ଗୋଟା ପୁଣି ସମସ୍ତଙ୍କୁ ଗିଳି ଦେବାକୁ ବସିଛି । ଅଦୃଶ୍ୟ କରୋନା ଭୂତାଣୁର ଖେଳ ସମଗ୍ର ବିଶ୍ୱ ହାଡେହାଡେ ଅନୁଭବ କରୁଛି । ଆଉ ୧୭ଲକ୍ଷ ଅଜଣା ଭୂତାଣୁକୁ ଚିହ୍ନିବାକୁ ବାକି ଅଛି ବୋଲି ବୈଜ୍ଞାନିକମାନେ ଭବିଷ୍ୟତବାଣୀ ଶୁଣାଇଲେଣି । ଏହି ଭୂତାଣୁ ଗୁଡିକ ଅନୁକୂଳ ପରିବେଶ ପାଇଲେ ସଂକ୍ରମିତ ହେବେ । ଏମାନଙ୍କ କବଳରୁ ଜୀବଜଗତ ରକ୍ଷା ପାଇବା ଅସମ୍ଭବ । କରୋନା ମହାମାରୀ ପ୍ରତି ମୁହୂର୍ତ୍ତରେ ବଢିଚାଲିଥିବାରୁ ସାରା ବିଶ୍ୱରେ ସଂକ୍ରମିତ ଓ ମୃତ୍ୟୁହାର ବଢିବଢି ଚାଲିଛି । ମହାଶକ୍ତିଶାଳୀ ଦେଶଠାରୁ ଆରମ୍ଭ କରି ବିକାଶଶୀଳ ଓ ଦରିଦ୍ର ଦେଶମାନଙ୍କରେ ଏହି ଭୂତାଣୁକୁ ରୋକିବା ପାଇଁ ଏପର୍ଯ୍ୟନ୍ତ କୌଣସି ମେଡିସିନ୍ ବାହାରି ନାହିଁ । କେବେ ବାହାରିବ କେହି କହିପାରୁନାହାଁନ୍ତି । ଶକ୍ତିଶାଳୀ ଦେଶମାନେ କ୍ଷଣିକରେ ପୃଥିବୀକୁ ଧ୍ୱଂସ କରିଦେବା ପାଇଁ ବାହାସ୍ଫୋଟ ମାରିଆସୁଥିଲେ । ଏଥିପାଇଁ ସେମାନେ କେତେ ପ୍ରକାର ଧ୍ୱଂସାତ୍ମକ ମାରଣାସ୍ତ୍ର ପ୍ରସ୍ତୁତ କରୁଥିଲେ, ଆଜି କନ୍ତୁ ରୋଗ ଆଉ ଭୋକରୁ ମୁକ୍ତି ପାଇଁ ସେମାନଙ୍କର କୌଣସି ଅସ୍ତ୍ର କାମ କରୁନାହିଁ ।

ଏବେଠାରୁ ଭୟଙ୍କର ଅର୍ଥନୈତିକ ସଂକଟ ମାଡିଆସିଲାଣି । ଦକ୍ଷିଣଆଫ୍ରିକାରେ ଖାଦ୍ୟ ଅଭାବରୁ ଲୋକେ ଜଙ୍ଗଲ ଭିତରକୁ ଯାଇ ପଶୁଶିକାର କଲେଣି । ସବୁଦେଶର ସରକାରଙ୍କ ପାଖରେ ଯାହାସବୁ ଗଚ୍ଛିତ ଅଛି, ତାକୁ ବାଂଟିଲେ ବେଶିଦିନ ଯିବନାହିଁ । ସରକାରମାନେ ଯେତେବେଳେ ହାତଟେକି ଦେବେ ସେତେବେଳେ ବିଶ୍ୱ ଦୁର୍ଭିକ୍ଷ ପଡିବ । ଧନୀପୁଞ୍ଜିପତିମାନେ ଯାହା ସବୁ ଲୁଚାଇ ରଖିଥିବେ ସେସବୁ ବିତରଣ କରିବାପାଇଁ ବିପନ୍ନ ମାନେ ଦାବି କରିବେ । ଦାବି ନମାନିଲେ ଲୁଟ୍‌ପାଟ୍ ହେବ, ଭୟଙ୍କର ଦଙ୍ଗା ଲାଗିଯିବ । ଏବେଠାରୁ ବିପନ୍ନମାନେ ଦୁଃଖର ସାଗରରେ ଉବୁଟୁବୁ ହେଉଛନ୍ତି । ଏବେ ବିଶ୍ୱର ସବୁଦେଶର ସରକାର ଓ କ୍ଷମତାସୀନ ଦଳମାନେ ରାଜକୋଷକୁ ଚଳୁ କରିଦେଇ ଜନଗଣଙ୍କ ମୁଣ୍ଡରେ ଆର୍ଥିକ ବୋଝକୁ ଲଦିଦେଉଛନ୍ତି । ଆଗକୁ ଭୟଙ୍କର ଅର୍ଥନୈତିକ ଆତଙ୍କବାଦ ପାଇଁ ଫାଟକ ଖୋଲି ଦେଇଛି ।

ପ୍ରାଚୀନକାଳରେ ଚଉବର୍ଗତତ୍ୱ - ଅର୍ଥାତ୍ ଧର୍ମ, ଅର୍ଥ, କାମ, ମୋକ୍ଷକୁ ନେଇ ଏକ ଆଧିଭୌତିକ ବିଶ୍ୱାସ ସରଳନୀରିହ ଜନଗଣଙ୍କର ଅସ୍ଥିମଜ୍ଜାଗତ ହୋଇ ରହିଥିଲା । ମାତ୍ର ପୁଁବାଦୀ ତତ୍ୱବାଗୀସ୍‌ବର୍ଗ ଏହି ଚଉବର୍ଗୀ ସରଳଜନ ବିଶ୍ୱାସ ପ୍ରତି କୁଠାରଘାତ କରି ନିଜ ମୁନିବମାନଙ୍କ ମୁନାଫାର ମଇଦାନ୍‌ରେ ପ୍ରଥମେ ଧର୍ମକୁ କିଣା କିଂକର କରାଇଦେଲେ । ମାତ୍ରାଧିକ ଔପଚାରିକତା ମଧ୍ୟରେ ଧର୍ମ ଡୁବିଗଲା । ପୁଁବାଦର ସେବାକରି ନୟାନ୍ତ ହେଲା ପରେ ଶେଷକୁ ଏ ଧର୍ମର ଉପସଂହାର ହେଲା ଦଙ୍ଗା ଓ ଆତଙ୍କବାଦରେ । ଧର୍ମ ପରେ ଅର୍ଥ । ମାତ୍ର ଅଧର୍ମବିତବା ବଳକା ଅର୍ଥକୁ ଆଣି ଯେତେ ଭେଳିକି ଲଗାଇଲେବି କାମ ଦେଉନି । ସଂସ୍କୃତି ଓ ଅର୍ଥନୀତି - ଏ ଦୁଇଟିଭିତରେ ଯଦି ବିରାଟ ଫାଟ ସୃଷ୍ଟିହେଲା, ତା' ହେଲେ ମଣିଷ ପାଇଁ ତ୍ରାହି ନାହିଁ । ଆଜିର ଏ ଆତଙ୍କପ୍ରଦ ଅର୍ଥନୀତି ହରଣଚାଲ୍ କରି ନେଉଛି ବିଶ୍ୱାସ, ବିବେକ, ମୂଲ୍ୟବୋଧ, ମନୁଷ୍ୟତା - ଅନେକ କିଛି । ବଂଚିବା ଆଜି ଜୀବନଠୁ ଜରୁରୀ ।

ହାଣମୁହଁକୁ ମୁହାଁଇ ଚାଲିଥିବା ଆମ ଏ ଯୁଗଯୁଗର ପ୍ରାଚୀନ ପ୍ରବୁଦ୍ଧ ଦେଶ ଓ ବହୁ ଐତିହାସିକ ଘୂର୍ଣ୍ଣଝଡରୁ ବର୍ତ୍ତି ଯାଇଥିବା ସମାଜ ଜୀବନକୁ କ'ଣ ଧ୍ୱଂସ ହେବାପାଇଁ ଆମେ ଛାଡିଦେବା ? ଗୋଟିଏ କୁରୁକ୍ଷେତ୍ରରେ ଦିନେ ନିଶ୍ଚିହ୍ନ ହୋଇଯାଇଥିଲା ମହାଭାରତ ! ଆଜି ଆମ ସାମ୍ନାରେ ଶହଶହ କୁରୁକ୍ଷେତ୍ର.... ଆମର ଏ ମହାନ୍ ଭାରତକୁ କ'ଣ ଆମେ ଆଜି ବଳି ପକାଇ ଦେବାତା' ଭିତରେ ? ନା... ପରିତ୍ରାଣ ପାଇଁ ଆମକୁ ଆଜି ଶିରସ୍ତ୍ରାଣ ପିନ୍ଧି ହାତରେ ଧରିବାକୁ ପଡିବ ମହାସଂଗ୍ରାମର ଅମୋଘ ଅସ୍ତ୍ର । ଆମେ ନିକାଲି ଦେବା ଏ ନକଲି ରାତିର ଜରିଗୁଡାଜହ୍ନ ଆଉ କାଗଜ ଫୁଲର କାରୁକାର୍ଯ୍ୟକୁ । ଆମେ ଚିରିଦେବା ନାହିଁ ନାହିଁର ନକ୍‌ସା, ଆମେ ଭରିଦେବା କୋଟିକୋଟି କଙ୍କାଳ ପ୍ରାଣରେ ନୂଆ ଆଶା, ନିଆରା ଭରସା ।

ନୀତି ନୈତିକତାର ନିର୍ଲଜ କଂସେଇମାନଙ୍କୁ ଆଜି ରାସ୍ତାକଡର ବତିଖୁଂଟରେ ଝୁଲାଇ ଦେବାର ବେଳ ଆସିଛି । ନିଷ୍ଠୁର ଜହ୍ଲାଦମାନଙ୍କ ଜଘନ୍ୟହିଂସାର ସାମ୍ରାଜ୍ୟରୁ ନିରୀହ ପ୍ରହଲ୍ଲାଦମାନଙ୍କ ପରିତ୍ରାଣ କରିବାପାଇଁ ଜନ-ଜନାର୍ଦ୍ଦନଙ୍କୁ ନୃସିଂହ ଅବତାର ଧାରଣ କରିବାର ଆହ୍ୱାନ ଉପଗତ ହୋଇଛି । ଯେଉଁମାନେ ଭୂମିର ମଣିଷମାନଙ୍କୁ କଙ୍କାଳରେ ପରିଣତ କରିଛନ୍ତି, ସେମାନଙ୍କୁ କଠୋର ଶାସ୍ତିଦେବାର ସମୟ ଆସି ପହଂଚିଯାଇଛି । ବେଇମାନି ଲୋକମାନେ ଆଜିପର୍ଯ୍ୟନ୍ତ ଧୋକ୍କା ଦେଇଆସିଲେ । ଏଥିପାଇଁ ମନ ଖରାପ କରି ବସିରହିଲେ ହେବନାହିଁ । ଅତୀତରେ ଆପଣମାନେ ବହୁ କଷ୍ଟ, ତ୍ୟାଗ ଆତ୍ମବଳିଦାନ ଦେଇ ଯାହା ସବୁସୃଷ୍ଟି କରିଥିଲେ, ସେସବୁ ଆଜି ଧ୍ୱଂସ ଆଡକୁ ପାଦ ବଢାଉଛି । ରୋକିବାକୁ ହେବ ଏ ରୁଗ୍‌ଣ ଧାରାକୁ । ପୁଣି ଆଉଥରେ ପ୍ରସ୍ତୁତ ହୋଇଯାଆନ୍ତୁ । ପଛକୁ ଫେରିଲେ ଅନ୍ଧାର, ଆଗକୁ ଚାହିଁଲେ ମୁକ୍ତିର ସକାଳ ।

ସହସ୍ରାଧର ସମାଜ ଉପରେ ପର ଝାଡୁଛି ସମୟର ଶଙ୍ଖଚିଲ୍ଲ । ବିଦାୟରବେହାଗରେ ବ୍ୟଥାର ବେପଥୁ...। ଦିନମାନେ ବିତି ଯାଇଛନ୍ତି ଚିହ୍ନ ରଖିଦେଇ, ଶେଷ ଶୀତରସିରସ୍ତାରେ ସ୍ମୃତିର ଶାଏରୀ ଗାଇଗାଇ । ଦୃଷ୍ଟିର ଦିଗନ୍ତରୁ ଦୃଶ୍ୟାତିତ ହୋଇଚାଲିଛି ୨୦୨୦ । ଫିକା ପଡିଯାଇଛି ପାଦପ୍ରଦୀପର ଶିଖା । ପାଣ୍ଡୁର ହୋଇଛି ପାଦ ଟିକା । ପାଉଁଶତଳୁ ତଥାପି ଝଟକିଉଠୁଛି ଝୁଲ । ଧୂଆଁର ଦଲିଲ୍ ଭିତରୁ ବାରିହୋଇ ପଡୁଛି ନିଆଁର ନକ୍‌ସା । ପୃଥିବୀର ଫୁଙ୍ଗୁଳା ପିଠିରେ ୨୦୨୦ ସୃଷ୍ଟିକରୁଛି ବହୁ ଭୟଙ୍କର ଘଟଣାର ବିସ୍ଫୋରିତ ବିସମ୍ବାଦ । ତମାମ୍ ମିଡିଆ ମୁଲକକୁ ନଚାଉଛି, ଚହଳବାଂଟୁଛି, ବୁଣୁଛିଚମକ । ମାଳମାଳ ବିସମ୍ବାଦର ଖୋରାକ ଓଜାଡିଛି ଖବରକାଗଜର ସର୍ବଗ୍ରାସୀ ଆଁରେ । ଆଖିରୁ ଚୋରାଇ ନେଉଛି ନିଦ, ଭାଙ୍ଗିଯାଉଛି ବଦ୍ଧମୂଳବିଶ୍ୱାସର ଭାବମୂର୍ତ୍ତି.... ପ୍ରତିଷ୍ଠିତ ପ୍ରତ୍ୟୟର ପ୍ରାଚୀନ ପ୍ରତିମାସବୁ । ମାଫିଆ ଗଡଫାଦର ମାନଙ୍କ ଘମାଘୋଟ ଗୃହଯୁଦ୍ଧ ଯାଏ - ଧର୍ମଘଟରୁ ଧର୍ମାନ୍ତର ଯାଏ - ଦପ୍ତରରୁ ଦରବାର ଯାଏ - ରଣକ୍ଷେତ୍ରରୁ ଗଣତନ୍ତ୍ର ଯାଏ - ସଂଗିନ୍ ରାଜନୀତିର ନିନ୍ଦିତ ନେତାଙ୍କ ଯାଏ - ସବୁଗହନ ଗହିରିର ଗୋପନ ଗୋହିରିରେ ପାଦ ପକେଇଛି ୨୦୨୦ । ଏବେ ସାରା ପୃଥିବୀରେ ପୂର୍ଣ୍ଣଚିନ୍ତନର ସମୟ ଆସିଯାଇଛି । ଏ ପୃଥିବୀ ଅସରନ୍ତି ପୃଷ୍ଠାବହୁଳ ଏକ ବିଚିତ୍ର ବିଷୟବସ୍ତୁର ମହାଗ୍ରନ୍ଥ ।

ଧ୍ୱଂସର ଧ୍ୱଂସସ୍ତୁପ ତଳୁ ପୁଣି କଅଁଳୁଛି ଜୀବଟିଏ - ସାବ୍‌ଜାମ୍ବପ୍ପର । ପାଉଁଶିଆ ପୋଡା ଭୂଇଁର ପଥର ଫାଙ୍କରୁ ନୂଆ ସକାଳର ନାରା ଶୁଣାଉଛି ନିଷ୍ପାପ ଘାସଫୁଲଟିଏ - ଆକାଶି ଆଶାରେ । ସବୁ ସଂକଟର ସଂଘାତ ଭିତରେ ବି ମଣିଷ ବଂଚିଛି ଠିକ୍ - ଅପେକ୍ଷା କରିଛି ସେଇ ନୂଆ ସକାଳକୁ । ଯେଉଁ ସକାଳତାକୁ ଦେଖାଉନଥିବ କୃଷବିଦ୍ଧ ଖ୍ରୀଷ୍ଟର ରକ୍ତାକ୍ତ ଶରୀର, ଗୁଳିବିଦ୍ଧ ଗାନ୍ଧୀରଶିତଳ ଶବ, ଲହୁଭିଜା ଲିଙ୍କନରସ କରୁଣ ଲାଶ୍..., ସକ୍ରେଟିସ୍‌ର ଓଠ ଆଡକୁ କି ମୀରାବାଇର ମୁହଁ ପାଖକୁ ବିଷର ପିଆଲା ବଢାଇ ଦେଉନଥିବ କାହାର ନିର୍ଦ୍ଦୟହାତ । ଏକ ପାପମୁକ୍ତ, ବ୍ୟାଧିମୁକ୍ତ, କ୍ଷୁଧାମୁକ୍ତ ପୃଥିବୀ ଆମର ଦରକାର ।

+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

ପଙ୍କଜ କୁମାର ପାଣିଗ୍ରାହୀ

ମୁଁ ଜଣେ ସମ୍ମାନସ୍ପଦ ଭିକାରୀ !

(ପୂର୍ବପ୍ରକାଶିତ ଉତ୍ତାରୁ...)

ପିଲାଦିନରୁ ମହାବିଦ୍ୟାଳୟ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ବିଭିନ୍ନ ଆଳରେ ମିଛ କହି ଘରୁ ପଇସା ନେବା ଏବଂ ବେଳେ ବେଳେ ଚୋରିକରି ନିଜ ହାତଖର୍ଚ୍ଚ ମେଣ୍ଟାଇବାରେ ଯେଉଁ ଆତ୍ମ ସନ୍ତୋଷ ଅନୁଭବ ହେଉଥିଲା, କିଶୋର ବୟସ ବେଳକୁ ଆଉ ସେହି ସୁଯୋଗ ନଥିଲା । ତେଣୁ ଖର୍ଚ୍ଚ ବଢ଼ିଯାଇଥିବା ବେଳେ ଆର୍ଥିକ ଅଭାବ ହେତୁ ବାପାଙ୍କ ବ୍ୟବସାୟରେ ସହଯୋଗ କରି ଅଧିକା ଉପାର୍ଜନ କରିବା ପାଇଁ ଚେଷ୍ଟା କରାଯିବା ପରେ ବ୍ୟବସାୟରେ ଲୋକଙ୍କୁ ବିଭିନ୍ନ ପ୍ରକାରେ ଠକି ଭଣ୍ଡି ଯେତେ ଆଦାୟ କରାଯାଉଥିଲା ତାହା ସେହିସମୟ ବେଳକୁ ପୁଣି ପର୍ଯ୍ୟାପ୍ତ ହେଉନଥିଲା । ତେଣୁ ପାଠପଢା ସାରିବା ପରେ କୌଣସିମତେ ଘରୋଇ ଶିକ୍ଷାଳୟରେ ପାଠପଢି ଗୋଟିଏ ସରକାରୀ ବାବୁ ବନିଗଲି ଠିକଣା ସମୟରେ । ସରକାରୀ ଚାକିରି ଦରମା ନିଜକୁ ଠିକ୍ ଥବାବେଳେ ବାପା ବାହାଘର କରିଦେଇ ଜାଳ ମୁକ୍ତ ହେବାପରେ ମୋ ନିଜ ଜାଳ ସମ୍ଭାଳିବା କଷ୍ଟକର ହେଉଥିବା ହେତୁ କାର୍ଯ୍ୟାଳୟରେ ଉପୁରି ହାତଗୁ। ନନେଇ କୌଣସି କାର୍ଯ୍ୟ କରିବାରେ ଆଉ ଆଗ୍ରହ ରହିଲା ନାହିଁ ମୋର । ତେଣୁ ବିଭିନ୍ନ ଆଳରେ ଲୋକଙ୍କ କାର୍ଯ୍ୟକୁ ଅବହେଳା କରି ହାତଗୁ। (ଲାଞ୍ଚ) ନଦେଲେ ଆଉ କାର୍ଯ୍ୟ କଲିନାହିଁ ମୁଁ ସବୁବେଳେ । ଦେଖିଲି ଏତେ ମାତ୍ରାରେ ଆଦାୟ ବଢିଗଲା ମୋରଯେ ସେହି ଅର୍ଥକୁ ସମ୍ଭାଳିବା କଷ୍ଟକର ହେଉଥିବା ହେତୁ କେତେ ବଦଭ୍ୟାସ ଆରମ୍ଭ ହୋଇଗଲା ମୋର । ତଥାପି ବଞ୍ଚିଲା ଅନେକ ଟଙ୍କା ! ବର୍ତ୍ତମାନ ସେହି ଟଙ୍କାକୁ ବିଭି

ବିଚିତ୍ରା

୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ମଙ୍ଗଳବାର, ଅଗଷ୍ଟ ୧୧, ୨୦୨୦

ପରିବା ସୁପ୍

ଆବଶ୍ୟକ ସାମଗ୍ରୀ:
ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ଟାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ବା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର ।

ପ୍ରସ୍ତୁତି:
ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ବା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

ହଳଦୀରେ ଗଣେଶ ମୂର୍ତ୍ତି ପାଇଁ ସଚେତନତା

କରୋନା ମହାମାରୀକୁ ଦୃଷ୍ଟିରେ ରଖି ଚଳିତ ବର୍ଷ କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋଡ୍ (କେଏସ୍‌ପିସିବି) ଲୋକଙ୍କୁ ଏକ ନିଆରା ଢଙ୍ଗରେ ଗଣେଶ ଚତୁର୍ଥୀ ପାଳନ କରିବାକୁ ଆହ୍ୱାନ କରିଛି । ହଳଦୀରେ ବିଘ୍ନରାଜଙ୍କ ପ୍ରତିମା ପ୍ରସ୍ତୁତ କରିବାକୁ ବୋର୍ଡ ପକ୍ଷରୁ ନିବେଦନ କରାଯାଇଛି । ଆସନ୍ତା ୨୨ରେ ଗଣେଶ ପୂଜା ପଡୁଥିବାବେଳେ ସେହି ଉପଲକ୍ଷେ ଏଭଳି ୧୦ ଲକ୍ଷ ମୂର୍ତ୍ତି ପ୍ରସ୍ତୁତ କରାଇବାକୁ ବୋର୍ଡ ଟାର୍ଗେଟ୍ ରଖିଛି । ସେଥିଲାଗି ବ୍ୟାପକ ଭାବେ ଅଭିଯାନ ମଧ୍ୟ ଚଳାଯାଉଛି । ବୋର୍ଡର ୱେବସାଇଟ୍, ଫେସ୍‌ବୁକ୍ ପୃଷ୍ଠା ବ୍ୟତୀତ ୟୁ ଟ୍ୟୁବ୍‌ରେ ଏ ସଂପର୍କରେ ସଚେତନତା ସୃଷ୍ଟି କରାଯାଉଛି । କେଏସ୍‌ପିସିବିର ସଂପାଦକ ଶ୍ରୀନିବାସୁଲୁ କହିଛନ୍ତି, ହଳଦୀରେ ପ୍ରାକୃତିକ ଭାବେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବାୟୋଟିକ୍ ଗୁଣ ରହିଛି । ଘରକୁ ସାନିଟାଇଜ୍ କରିବା ସହିତ ପରିବେଶ ସୁରକ୍ଷାର ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯଦି ଲୋକମାନେ ହଳଦୀରେ ମୂର୍ତ୍ତି ପ୍ରସ୍ତୁତ କରନ୍ତି ତା'ହେଲେ ମାଟିର ସୁରକ୍ଷା ବି ହୋଇପାରିବ । କେବଳ ସେତିକି ନୁହେଁ, ହଳଦୀରେ ପ୍ରସ୍ତୁତ ଏହି ଗଣେଶ ପ୍ରତିମା ବାଲ୍‌ଟି ବା ବଡ଼ କୁଣ୍ଡରେ ବିସର୍ଜିତ ହୋଇପାରିବ । ସେହି ପାଣିକୁ ବଗିଚାରେ ସିଞ୍ଚନ କଲେ ଉପକାର ମିଳିବ ବୋଲି ସେ ପ୍ରକାଶ କରିଛନ୍ତି । ଅନ୍ୟପଟେ ହଳଦୀରେ କିଭଳି ଗଣେଶ ମୂର୍ତ୍ତି ପ୍ରସ୍ତୁତ କରିହେବ ସେ ସଂପର୍କରେ ବୋର୍ଡ ପକ୍ଷରୁ ୟୁଟ୍ୟୁବ୍‌ରେ ଭିଡିଓ ଅପ୍‌ଲୋଡ୍ କରାଯାଇଛି । ଜଣେ ସେଥିରୁ ଶିଖି ଘରେ ଏହାକୁ ପ୍ରସ୍ତୁତ କରିପାରିବେ । ଏଥିସହିତ ହଳଦୀରେ ପ୍ରସ୍ତୁତ ଗଣେଶ ପ୍ରତିମାଙ୍କର

ଫଟୋକୁ ଅଗଷ୍ଟ ୨୧-୨୩ ମଧ୍ୟରେ ଫେସବୁକ୍ ପୃଷ୍ଠାରେ ଅପଲୋଡ୍ କରିବା ଲାଗି ବୋର୍ଡ ପକ୍ଷରୁ ଚ୍ୟାଲେଞ୍ଜ ଦିଆଯାଇଛି ।

ତୁଳସୀ ଦେହକୁ ହିତ

ହିନ୍ଦୁ ସନାତନ ଧର୍ମରେ ତୁଳସୀଙ୍କୁ ମା ବୃନ୍ଦାବତୀ ଭାବରେ ବର୍ଣ୍ଣନା କରାଯାଇଛି । ସେ ସୁଖ, ସ୍ୱାସ୍ଥ୍ୟ, ସମ୍ପଦ ଓ ସମ୍ପନ୍ନତାର ଦେବୀ । ଘରେ ତାଙ୍କର ଉପସ୍ଥିତି ସଦା ମଙ୍ଗଳମୟ ଏବଂ ସେ ଶାନ୍ତିର ପ୍ରତୀକ । ସେହିପରି ଆୟୁର୍ବେଦରେ ତାଙ୍କର ଗୁଣ ଓ ମହତ୍ତ୍ୱ ବହୁଳ ବର୍ଣ୍ଣିତ । ତୁଳସୀ ଚେର, ଫୁଲ ଓ ପତ୍ରରେ ବହୁ ଔଷଧୀୟ ଗୁଣ ଭରି ରହିଛି । ଶରୀରର ପ୍ରାୟ ସବୁ ଉପସର୍ଗର ଉପଶମ ପାଇଁ ଏହା ସମର୍ଥ ।
ଗୁଣ ଓ ଫାଇଦା:- ବର୍ଷାଋତୁରେ ପ୍ରତିଦିନ ୫ଟି ତୁଳସୀପତ୍ର ଖାଲି ପେଟରେ ଖାଇଲେ ଜ୍ୱର ଓ ସର୍ଦ୍ଦିରୁ ଉପଶମ ମିଳେ ।



ବୟସ୍କଙ୍କ ପାଇଁ କାମ

ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ୍ୟ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା । ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ

ବୟସ୍କଙ୍କୁ ମଧ୍ୟ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ଗବେଷକଙ୍କ ମତରେ, ରଙ୍ଗର ପ୍ରଭାବରୁ ହିଁ ବୟସ୍କ ଲୋକଙ୍କ ମାନସିକ ଅବସ୍ଥାର ଉତ୍ତମ ପରିବର୍ତ୍ତନ ହୋଇଛି । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

ହିତକାରୀ କଳା ଚା

- କଳା ଚା ଦୈନିକ ସକାଳେ ୧କପ୍ ପିଇଲେ ଶରୀରର ଚର୍ବି କମ ହେବା ସହ ଓଜନ ନିୟନ୍ତ୍ରିତ ହୋଇଥାଏ ।
- ଏହା ସହ କଳା ଚା ପିଇବା ଦ୍ୱାରା ଶରୀରର କୋଲେଷ୍ଟରଲ ନିୟନ୍ତ୍ରିତତ ରୀହିବା ସହ ରକ୍ତସଞ୍ଚାଳନ ଭଲ ଭାବରେ ହୁଏ । ହୃଦ ରୋଗୀ କିମ୍ବା ହୃଦଯନ୍ତ୍ର ସମ୍ପର୍କିତ ରୋଗ ଥିବା ବ୍ୟକ୍ତିମାନେ ନିୟମିତତ କଳା ଚା ପିଇବା ଉତ୍ତ ବୋଲି ବିଶେଷଜ୍ଞଙ୍କ ମତ ।
- ପ୍ରତ୍ୟହ କଳା ଚା ପିଇଲେ କର୍କଟ ପ୍ରତିରୋଧୀ ଶକ୍ତି ମ୍ନ ଶରୀରରେ ବୃଦ୍ଧି ପାଇଥାଏ ।
- ଏହି ଚା ପିଇଲେ ମାନସିକ ଚାପ କମ ହେବା ସହ ଆରାମ ଲାଗୁଥିବାର ପ୍ରକାଶ ।

ହାତ କଳା ପଡ଼ିବ ନାହିଁ

ଏବେ ଯେଉଁ ଋତୁ ହୋଇଥିଲେ ଖରା ଖୁବ୍ ଟାଣ ଲାଗୁଛି । ଗ୍ଲୋଭ୍‌ସ ନପିନ୍ଧି ଯିବା ଆସିବା କଲେ ହାତ କଳାପଡ଼ିଯାଉଛି । ବିଶେଷକରି ସାଇକଲ କିମ୍ବା ଗାଡ଼ି ଚଳାଉଥିଲେ ହାତ କଳା ପଡ଼ିବା ସ୍ୱାଭାବିକ । ଯୁବତୀମାନଙ୍କର ଏହା ଏକ ବଡ଼ ସମସ୍ୟା ।

- ରାତିରେ ଶୋଇବା ପୂର୍ବରୁ କ୍ଷୀର ସରରେ ଅଳ୍ପ ଲେମ୍ବୁରସ ଏବଂ କେଇ ଟୋପା ଗ୍ଲିସେରିନ୍ ମିଶାଇ ହାତରେ ଘଷନ୍ତୁ ।
- ୨ ଚାମଚ ବାଦାମ ରୋଗନ୍, ଗୋଟିଏ ଅଣ୍ଡାର କେଶର, ଚା'ଚାମଚରେ ୧ ଚାମଚ ମହୁ ନେଇ ଭଲଭାବେ ମିଶାନ୍ତୁ । ଏହାକୁ ହାତରେ ଭଲଭାବେ ଘଷି ସୁତା କପଡ଼ାର ଗ୍ଲୋଭ୍‌ସ ପିନ୍ଧିଦେବେ । ଅଧଘଣ୍ଟା ପରେ ଗ୍ଲୋଭ୍‌ସ ବାହାର କରି ପାଣିରେ କିଛି ଭିନେଗାର ମିଶାଇ ହାତ ଧୋଇନିଅନ୍ତୁ । ବଳକା ମିଶ୍ରଣ ବୋତଲରେ ଭର୍ତ୍ତିକରି ଫ୍ରିଜ୍‌ରେ ରଖିଦେବେ । ଏହା ଦୁଇସପ୍ତାହ ଯାଏ ଖରାପ ହୁଏନି । ଦିନକୁ ଦୁଇଥର ଏହି ମିଶ୍ରଣ ବ୍ୟବହାର କରିପାରିବେ ।
- ଛୋଟ ଚାମଚରେ ୧ ଚାମଚ କ୍ଷୀର ନେଇ ସେଥିରେ କିଛି ବାଦାମ ବଟା, ଟୋପାଏ ଲେମ୍ବୁରସ, ଦୁଇଟୋପା ଗ୍ଲିସେରିନ୍ ଏବଂ ଦୁଇଟୋପା ଗୋଲାପ ଜଳ ମିଶାଇ ରାତିରେ ଶୋଇବା ପୂର୍ବରୁ ହାତରେ ଲଗାନ୍ତୁ । ସକାଳେ ବେସନ ଏବଂ ପାଣିରେ ଏହାକୁ ଧୋଇଦେବେ ।
- ଦେଢ଼ ଲିଟର ପାଣିରେ ଫାଳେ ଲେମ୍ବୁର ରସ ମିଶାଇ ଏଥିରେ ୫ ମିନିଟ୍ ହାତ ବୁଡ଼ାଇ ରଖନ୍ତୁ । ଏହାପରେ ପୋଛିଦେବେ ।
- ଅଧା ଚାମଚ ସୈନ୍ଧବ ଲବଣ, ୫-୬ ଟୋପା ଲେମ୍ବୁ ରସ, ଅଧା ଚାମଚ ଅଲିଭ୍ ତେଲ ନେଇ ଭଲଭାବେ ମିଶାଇ ହାତରେ ଗୋଲ୍‌ଗୋଲ୍ କରି ମାଲିସ୍ କରନ୍ତୁ । ଏହା ମୃତ ତ୍ୱଚା ବାହାର କରି ହାତକୁ ଗୋରା କରିଦେବ ।

ପନ୍ଦର ମିନିଟ୍‌ରେ ମୋବାଇଲ୍ ଚାର୍ଜ

ମୋବାଇଲ ଫୋନ୍‌ରେ ଚାର୍ଜ ସରିଗଲେ ଖୁବ୍ ବିରକ୍ତ ଲାଗେ । ପୁଣି ଫୋନ୍‌କୁ ଅତି କମ୍‌ରେ ୫୦% ଚାର୍ଜ କରିବା ଲାଗି ଅଧଘଣ୍ଟାରୁ ଘଣ୍ଟାଏ ସମୟ ଲାଗିଥାଏ । ଏବେ 'କ୍ୱାଲ୍‌କମ୍' ଚାର୍ଜ କରିବାର ଅଲ୍‌ଟ୍ରା ଫାଷ୍ଟ ଟେକ୍‌ନୋଲୋଜି ଭାବେ 'କ୍ୱିକ୍ ଚାର୍ଜ ୫' ପ୍ରସ୍ତୁତ କରିଛି । ଏହା ସ୍ମାର୍ଟଫୋନ୍‌ର ବ୍ୟାଟେରି ସମ୍ପୂର୍ଣ୍ଣ ଶେଷ ହୋଇଯାଇଥିଲେ ବି ମାତ୍ର ୫ ମିନିଟ୍‌ରେ ୫୦%ରୁ ଅଧିକ ଚାର୍ଜ କରିପାରିବ । ୧୫ ମିନିଟ୍ ମଧ୍ୟରେ ବ୍ୟାଟେରି ସମ୍ପୂର୍ଣ୍ଣ ଚାର୍ଜ ହୋଇଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି । ପୂର୍ବରୁ ୨୦୧୭ରେ କମ୍ପାନୀ 'କ୍ୱିକ୍ ଚାର୍ଜ ୪+' ବଜାରକୁ ଆଣିଥିଲା । ୨ଏସ୍ ବ୍ୟାଟେରି ପ୍ୟାକ୍‌କୁ ସପୋର୍ଟ କରୁଥିବା ଏହି ଚାର୍ଜିଂ ବ୍ୟବସ୍ଥାକୁ ୟୁଏସ୍‌ବି ପାୱାର ଡେଲିଭରି ଏବଂ ୟୁଏସ୍‌ବି ଟାଇପ୍ ସି ଟେକ୍‌ନୋଲୋଜି ପାଇଁ ବି ବ୍ୟବହାର କରାଯାଇପାରିବ । କମ୍ପାନୀ ଏବେ ଏହାର ପରୀକ୍ଷଣ ଜାରି ରଖିଥିବା ବେଳେ ଅଗଷ୍ଟରୁ ସେପ୍ଟେମ୍ବର ମଧ୍ୟରେ ଏହା ବଜାରକୁ ଆସିବ ବୋଲି ଜଣାଯାଇଛି ।

୧୪ ବର୍ଷ ପରେ ମିଳିଲା ପର୍ସ

ସାଧାରଣତଃ ସର୍ବସାଧାରଣ ସ୍ଥଳରେ କୌଣସି ଜିନିଷ ହଜିଲେ ଲୋକମାନେ ତାକୁ ଫେରି ପାଇବାର ଆଶା ଛାଡ଼ି ଦେଇଥାନ୍ତି । ମୁମ୍ବାଇର ୪୨ ବର୍ଷୀୟ ହେମନ୍ତ ପଡଲକରଙ୍କ କାହାଣୀ କିନ୍ତୁ ଏହାଠାରୁ ଭିନ୍ନ । ୨୦୦୬ରେ ସିଏସ୍‌ଏମଟି-ପାନଭେଲ ଲୋକାଲ ଟ୍ରେନ୍‌ରେ ତାଙ୍କ ପର୍ସ ଚୋରି ହୋଇଯାଇଥିଲା । ୧୪ ବର୍ଷ ପରେ ଜିଆର୍‌ପି ପକ୍ଷରୁ ତାଙ୍କୁ ଏବେ ତାହା ପ୍ରଦାନ କରାଯାଇଛି । ଅବଶ୍ୟ ସେଥିରେ ଥକା ଏକ ୫୦୦ ଟଙ୍କିଆ ଏବେ ଅଚଳ ହୋଇଯାଇଥିବାରୁ ତାହା ହେମନ୍ତଭ୍‌କର କାମରେ ଲାଗିବ ନାହିଁ । ଏ ସଂପର୍କରେ ହେମନ୍ତ କହିଛନ୍ତି, 'ମୋର ପର୍ସ ବାଶି ନିକଟରେ ଚୋରି ହୋଇଯାଇଥିଲା । ସେଥିରେ ଗୋଟିଏ ୫୦୦ ଟଙ୍କିଆ ସମେତ ମୋଟ ୯୦୦ ଟଙ୍କା ଓ କିଛି କାଗଜପତ୍ର ଥିଲା । ମୁଁ ଏ ସଂପର୍କରେ ଜାଣିବା ପରେ ଓହ୍ଲାଇ ପଡ଼ି ବାଶି ଜିଆର୍‌ପିରେ ଅଭିଯୋଗ କରିଥିଲି । ପ୍ରଥମେ ତ ପର୍ସ ପାଇଁ ଖୁବ୍ ଦୌଡ଼ାଦୌଡ଼ି କଲି । କିନ୍ତୁ କିଛି ମାସ ପରେ ଆଶା ଛାଡ଼ି ଦେଲି । ଗତ ଏପ୍ରିଲ ମାସରେ ମୋତେ ଯେତେବେଳେ ବାଶି ଜିଆର୍‌ପିରୁ ଫୋନ୍ ଆସିଲା ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।'
କରୋନା ଭାଇରସ୍ କାରଣରୁ ସାରା ଦେଶରେ ଲକ୍‌ଡାଉନ୍ ଜାରି ହୋଇଥିବାରୁ ହେମନ୍ତ ଗତ ସପ୍ତାହରେ ହିଁ ବାଶି ଜିଆର୍‌ପିକୁ ଯାଇଥିଲେ । ସେଠାରେ ଡ୍ୟୁଟିରେ ଥିବା ଅଧିକାରୀଜଣକ ତାଙ୍କୁ କହିଲେ ଯେ ଆମେ ତୁମର ପର୍ସ ଉଦ୍ଧାର କରୁଛୁ । ତେବେ ସେଥିରେ ଥିବା ୫୦୦ ଟଙ୍କିଆ ନୋଟ୍ ଅଚଳ ହୋଇଯାଇଥିବାରୁ ତାକୁ ଦେଇପାରିବୁ ନାହିଁ । ଜିଆର୍‌ପି ପକ୍ଷରୁ ଏଥିଲାଗି ରିଜର୍ଭ ବ୍ୟାଙ୍କ ଇଣ୍ଡିଆକୁ ଚିଠି ଲେଖାଯାଇଛି । କିନ୍ତୁ କିଛି ଉତ୍ତର ମିଳିପାରିନାହିଁ । ଏ ସଂପର୍କରେ ବାଶି ଜିଆର୍‌ପିର ଅନ୍ୟ ଜଣେ ଅଧିକାରୀ କହିଛନ୍ତି, ହେମନ୍ତ ପର୍ସ ଚୋରି କରିଥିବା ଚୋର ପାଖରୁ ଆହୁରି କିଛି ୫୦୦ ଟଙ୍କିଆ ଉଦ୍ଧାର କରାଯାଇଛି । ସେହି ନୋଟ୍‌ଗୁଡ଼ିକୁ ବଦଳ କରିବା ଲାଗି ସେମାନେ ଯଥାସାଧ୍ୟ ଉଦ୍ୟମ କରୁଛନ୍ତି । ତେବେ ଆରବିଆଇ ଏ ନେଇ କିଛି ଉତ୍ତର ଦେଇନାହିଁ ।

ପୁରୁଣା ପୋଷାକରେ ମଡେଲିଂ କରି ପ୍ରସିଦ୍ଧି

ତାଇୱାନର ଏକ ବୃଦ୍ଧ ଦମ୍ପତି ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡରେ ଅଛନ୍ତି । ସେମାନେ ପୁରୁଣା ପୋଷାକ ପିନ୍ଧି ମଡେଲିଂ କରୁଛନ୍ତି । ସେମାନଙ୍କ ଏହି କାମକୁ ଏତେ ସଂଖ୍ୟାରେ ଲୋକ ପସନ୍ଦ କରୁଛନ୍ତି ଯେ ଗତ ମାସ ସୁଦ୍ଧା ଇନ୍‌ଷ୍ଟାଗ୍ରାମରେ ସେମାନଙ୍କ ପ୍ରଶଂସକଙ୍କ ସଂଖ୍ୟା ୬ଲକ୍ଷ ଛୁଇଁଛି । ଏପରିକି 'ଭଗ୍' ପତ୍ରିକାର ତାଇୱାନ୍ ସଂସ୍କରଣର ପ୍ରଚ୍ଛଦରେ ସେମାନେ ସ୍ଥାନ ପାଇଛନ୍ତି ।
ଏହି ଚର୍ଚ୍ଚିତ ଦଂପତି ହେଲେ ଚାଙ୍ଗ୍ ୱାନ୍-ଜି(୮୩) ଏବଂ ତାଙ୍କ ପତ୍ନୀ ଶୋର(୮୪) । ତାଇଚୁଙ୍ଗ୍ ସହରରେ ସେମାନଙ୍କର ଏକ ଛୋଟିଆ ଲଣ୍ଡ୍ରି ରହିଛି । ଗତ କିଛି ମାସ ହେଲା ସେମାନଙ୍କର ଲଣ୍ଡ୍ରି ବ୍ୟବସାୟ ଭଲ ଚାଲୁନଥିଲା । ଏହାଯୋଗୁ ସେମାନେ ଚିନ୍ତାରେ ଥିଲେ । ଏପରିକି ଲଣ୍ଡ୍ରି ବନ୍ଦ କରିବାକୁ ଯୋଜନା କରୁଥିଲେ । ଏଭଳିସ୍ଥଳରେ ସେମାନଙ୍କର ନାତି ରିଫ୍ ଚାଙ୍ଗ(୩୧) ଏକ ନୂଆ ଆଇଡିଆ ଦେଲେ । ସେ ଅଜା, ଆଇଙ୍କୁ ଲଣ୍ଡ୍ରିରେ ପଡ଼ି ରହିଥିବା ଲୋକଙ୍କର ପୁରୁଣା ପୋଷାକ ପିନ୍ଧି ମଡେଲିଂ କରିବାକୁ କହିଲେ । ଏହି ଆଇଡିଆ ସେମାନଙ୍କ ମନକୁ ଖୁବ୍ ପାଇଲା । ଦୀର୍ଘ ବର୍ଷର ଲଣ୍ଡ୍ରି ପରିଚାଳନା ମଧ୍ୟରେ ବହୁ ଲୋକ ସେମାନଙ୍କ ଦୋକାନରେ ନିଜ ପୋଷାକପତ୍ର ଦେଇ ବିଭିନ୍ନ କାରଣରୁ ତାକୁ ନେଇନଥିଲେ । ସେମାନେ କିନ୍ତୁ

ସେସବୁକୁ ନ ଫୋପାଡ଼ି ସାଇତି ରଖିଥିଲେ । ପ୍ରାୟ ୪୦୦ ହଳ ପୋଷାକ ସେମାନଙ୍କ ଲଣ୍ଡ୍ରିରେ ଥିଲା । ସେମାନେ ତାର ସଦୁପଯୋଗ କଲେ । ନାତ ଚାଙ୍ଗ ଏହି ଦଂପତିଙ୍କର ଫଟୋ ଉଠାଇ ବିଭିନ୍ନ ଏଜେନ୍ସିକୁ ପଠାଇବା ପରେ ସେମାନଙ୍କୁ ବହୁ ପ୍ରଶଂସା ମିଳିଲା । ଏବେ ସେମାନେ ମଡେଲିଂ ପାଇଁ ନିଜର ପୁରୁଣା ପୋଷାକ ବି ବ୍ୟବହାର କରୁଛନ୍ତି ।
ଏ ସଂପର୍କରେ ଚାଙ୍ଗ କହିଛନ୍ତି, 'ମୁଁ ସବୁବେଳେ ଚାହୁଁଥିଲି ଯେ ମୋର ଅଜା, ଆଇ ଖୁସି ରହିବା ଭଳି କାମ କରନ୍ତୁ । ବର୍ତ୍ତମାନ ସେମାନେ ମଡେଲିଂ କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଛନ୍ତି । ତେବେ ସେମାନେ ସୋସିଆଲ ମିଡିଆ ବ୍ୟବହାର ଜାଣିନାହାନ୍ତି । ତେଣୁ ସେମାନଙ୍କ ପାଇଁ ସବୁ କାମ ମୁଁ ମ୍ୟାନେଜ କରୁଛି । ସାରା ବିଶ୍ୱରୁ ପ୍ରଶଂସକମାନେ ପଠାଉଥିବା ବାର୍ତ୍ତାକୁ ମୁଁ ସେମାନଙ୍କୁ ଅନୁବାଦ କରି ଶୁଣାଇଥାଏ ।' ସେହିପରି ଚାଙ୍ଗ୍ ୱାନ୍-ଜି କହିଛନ୍ତି ଯେ, 'ଫ୍ୟାଶନେବଲ ଲାଗିବା ଲାଗି ନୂଆ ପୋଷାକର ଆବଶ୍ୟକତା ନାହିଁ । ପୁରୁଣା ପୋଷାକକୁ ନୂଆ ଢଙ୍ଗରେ ପିନ୍ଧି ମଧ୍ୟ ଜଣେ ଫ୍ୟାଶନେବଲ୍ ହୋଇପାରିବ । ଆମେ ଯୁବପିଢ଼ିଙ୍କୁ ଏହି ବାର୍ତ୍ତା ଦେବାକୁ ଚାହୁଁଛୁ ।'

ପୁରୀ ଯୁବ କଂଗ୍ରେସର ଦାବି, ଯୁବକଙ୍କୁ ରୋଜଗାର ଦିଅ

ପୁରୀ,୧୦।୮ (ନି.ପ୍ର): ପୁରୀ ଜିଲ୍ଲାରେ ଗତ ମାର୍ଚ୍ଚ ମାସ ଠାରୁ କରୋନା କଟକଣା ଲାଗୁ ହେବାରୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇନାହିଁ। ରୋଜଗାର ଦିଅ ସରକାର, ରୋଜଗାର ଆମର ଦରକାର ଦାବି ନେଇ ପ୍ଲାକାର୍ଡ ଧରି ଭିଆଇପି ରୋଡସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଯୁବକର୍ମୀମାନେ ସାମାଜିକ ଦୂରତା ରକ୍ଷାକରି ବସିଥିଲେ । ସେମାନଙ୍କର ଦାବି ଥିଲା ମୋଦି ଓ ନବୀନ ସରକାର କେବଳ କଥା ଓ କାଗଜପତ୍ରରେ ରୋଜଗାର ଦେବୁ ବୋଲି ବିଜ୍ଞାପନ ଦେଉଥିବା ବେଳେ ବେକାରୀ ସମସ୍ୟା ଦିନକୁ ଦିନ ବଢି ଚାଲିଛି । ରାଜ୍ୟ ଯୁବ କଂଗ୍ରେସ ସଭାପତି ଡଃ. ସ୍ମୃତିରଞ୍ଜନ ଲେଙ୍କା ଓ ଭାରତୀୟ ଯୁବ କଂଗ୍ରେସର ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀନିବାସ ବି.ଭିଙ୍କ ଆହ୍ୱାନ କ୍ରମେ ସରକାରଙ୍କୁ ଏହି ଚେତାବନୀ ଦିଆଯାଇଛି । ୨୦୧୪ ନିର୍ବାଚନରେ କେନ୍ଦ୍ର ସରକାର ୨ କୋଟି ଯୁବକଙ୍କୁ ଚାକିରୀ ଦେବାର ପ୍ରଲୋଭନ ଦେଖାଇଥିଲେ । ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିଲା ନାହିଁ । ରାଜ୍ୟ ସରକାର ବର୍ଷକୁ ୧ ଲକ୍ଷ ଯୁବକଙ୍କୁ କର୍ମନିଯୁକ୍ତି ଦେବା ପାଇଁ କହି ୨୦ ବର୍ଷ ଶାସନ କରୁଛନ୍ତି । କରୋନା ଆଳ ଦେଖାଇ ୨ ଲକ୍ଷ ଠିକା କର୍ମଚାରୀଙ୍କୁ ଚାକିରୀରୁ କାଢି ଦେଇଛନ୍ତି । ଯୁବ କଂଗ୍ରେସ ପକ୍ଷରୁ ଏହି ସଂଗ୍ରାମ ଜାରି ରହିବ ବୋଲି ନେତୃବୃନ୍ଦମାନେ ସୂଚନା ଦେଇଛନ୍ତି । ଏହି ଆନ୍ଦୋଳନରେ ଯୁବନେତା ବିଶ୍ୱନାଥ ଦାଶ, ଅମରେନ୍ଦ୍ର ପାଇକରାୟ, ପ୍ରେମଜିତ୍ ମହାନ୍ତି, ସ୍ୱାଧିନ ପଣ୍ଡା, ସତ୍ୟ ବରାଳ, ସର୍ବେଶ୍ୱର ସ୍ୱାଇଁ, ସ୍ମୃତିରଞ୍ଜନ ପତି ପ୍ରମୁଖ ଯୋଗଦେଇଥିଲେ ।

ପ୍ଲାଜମା ଦାନ କରିଥିବା ଯୁବକଙ୍କୁ ସମ୍ବର୍ଦ୍ଧିତ କଲେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ନି.ପ୍ର): କୋଭିଡ-୧୯ ରୁ ସୁସ୍ଥ ହୋଇ ସ୍ୱେଚ୍ଛାକୃତ ଭାବେ ପ୍ଲାଜମା ଦାନ କରିଥିବା କାକଟପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜଣେ ଯୁବକଙ୍କୁ ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଓ ସ୍ଥାନୀୟ ବିଧାୟକଙ୍କ ସହଯୋଗରେ ପ୍ଲାଜମା ଦାନ ଓ ଏହାର ମହତ ଉଦ୍ଦେଶ୍ୟ ସମ୍ପର୍କରେ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଚାଲୁରହିଛି । ଫଳ ସ୍ୱରୂପ ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ କାକଟପୁର ନିର୍ବାଚନ ମଣ୍ଡଳୀରୁ ଚାରି ଜଣ ପ୍ଲାଜମା ଦାନ ପାଇଁ ନିଜର ଇଚ୍ଛା ପ୍ରକଟ କରିଥିଲେ । ଆଜି ସକାଳେ ଏହି ଚାରିଜଣ ନିଜର ପ୍ଲାଜମା ଦାନ ଲାଗି ମନ୍ତ୍ରୀ ଶ୍ରୀ ବେହେରାଙ୍କ ସହ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲରେ ପହଂଚି ଥିଲେ । ତେବେ ଏଥିରୁ ପ୍ଲାଜମା ଦାନ ଲାଗି ଜଣେ ଯୁବକ ଯୋଗ୍ୟ ବିବେଚିତ ହୋଇ ନିଜର ପ୍ଲାଜମା ଦାନ କରି ଥିଲେ । ପରେ ମନ୍ତ୍ରୀ ଶ୍ରୀ ବେହେରା ଏହି ଯୁବକଙ୍କୁ ସମ୍ବର୍ଦ୍ଧିତ କରିବା ସହ ତାଙ୍କ ଏହି ଉଦ୍ୟମ ଆଗାମୀ ଦିନରେ ଅନ୍ୟମାନଙ୍କୁ ପ୍ଲାଜାମା ଦାନ ପାଇଁ ଅନୁପ୍ରେରିତ କରିବା ସହ ଅନେକ ଗୁରୁତର ରୋଗୀଙ୍କ ଜୀବନ ରକ୍ଷା କରିବାରେ ସହାୟକ ହେବ ବୋଲି କହିଥିଲେ । କୋଭିଡ ମୁକାବିଲା ନେଇ ରାଜ୍ୟ ସରକାରଙ୍କ ଏହି ପ୍ରୟାସରେ ନିଜକୁ ସାମିଲ କରିପାରିଥିବାରୁ ଯୁବକ ଜଣକ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏବଂ ମନ୍ତ୍ରୀ ଶ୍ରୀ ପୂଜାରୀ ଓ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ ।

କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ ଗଜପତି ଜିଲ୍ଲା ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ

୧୪ ହଜାର ୩୦୦ ଟଙ୍କା ଜୋରିମାନା ଆଦାୟ

ପାରଳାଖେମୁଣ୍ଡି,୧୦।୮ (ନି.ପ୍ର): ଗଜପତି ଜିଲ୍ଲା ପୋଲିସ ପକ୍ଷରୁ କୋଭିଡ୍ କଟକଣା ଉଲ୍ଲଙ୍ଘନକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ଗତ ୮ ତାରିଖ ଦିନ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଏନେଇ ବ୍ୟାପକ ଧରପଗଡ଼ କରାଯିବା ସହ ଆଇନ ଭଙ୍ଗ କରୁଥିବା ମୁହଁରେ ମାସ୍କ ପିନ୍ଧୁ ନଥିବା ଅମାନିଆଙ୍କ ଠାରୁ ଜୋରିମାନା ବାବଦକୁ ମୋଟ୍ ୧୪ ହଜାର ୩୦୦ ଟଙ୍କା ଆଦାୟ କରାଯାଇଛି । ବିଭାଗୀୟ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁଯାୟୀ, ପାରାଖେମୁଣ୍ଡି ଆଦର୍ଶ ଥାନା ୫୨୦୦ ଟଙ୍କା, କାଶୀନଗର ଥାନା ପୋଲିସ ୮୦୦ ଟଙ୍କା, ଗୁରାଣ୍ଡି ଥାନା ୧୭୦୦ ଟଙ୍କା, ଗାରାବନ୍ଧ ଥାନା ୧୦୦୦ ଟଙ୍କା, ରାୟଗଡ଼ ଥାନା ୨୨୦୦ ଟଙ୍କା, ସେରଙ୍ଗ ଥାନା ୮୦୦ ଟଙ୍କା, ମୋହନା ଥାନା ୧୦୦୦ ଟଙ୍କା, ରାମଗିରି ଥାନା ୬୦୦ ଟଙ୍କା, ଅଡ଼ବା ଥାନା ପୋଲିସ ପକ୍ଷରୁ ୧୦୦୦ ଟଙ୍କା ଜୋରିମାନା ବାବଦକୁ ଆଦାୟ କରାଯାଇଛି ।

ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତଦାନ ଶିବିର ଅନୁଷ୍ଠିତ

ପୁରୀ,୧୦।୮ (ନି.ପ୍ର): ବିଜୁ ଜନତା ଦଳ ପକ୍ଷରୁ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ଏକ ରକ୍ତଦାନ ଶିବିର ଆଜି ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ଥିବା ସମ୍ମିଳନୀ । କକ୍ଷରେ ଅନଚଷ୍ଟିତ ହୋଇଥିଲା । ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏହି ଶୀବିର କୁ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍ଘାଟନ କରିଥିବା ବେଳେ ଯୋଜନା ବୋର୍ଡ ଉପାଧକ୍ଷ ସଂଜୟ ଦାସବର୍ମା ଅତିଥୀ ଭାବେ ଯୋଗ ଦେଇଥିଲେ । ଓ ଡିଶା ମୋ ପରିବାର ଜିଲ୍ଲା ସଂଜୋଜକ ସୁବାଶିଷ୍ ଖୁଣ୍ଟିଆ ଏହି କାର୍ଯ୍ୟକ୍ରମ ଆୟୋଜିତ କରିଥିବା ବେଳେ ,ଜିଲ୍ଲା ବିଜେଡିର ବହୁ ସ୍ଥାନୀୟ ନେତୃ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ବିଜୁ ଜନତା ଦଳ ର କର୍ମକର୍ତ୍ତାଙ୍କ ସମେତ ସାଧାରଣ ଲୋକ ମଧ୍ୟ ସ୍ୱେଚ୍ଛାକୃତ ଭାବେ ରକ୍ତ ଦାନ କରିଥିଲେ । କୋରନା ଭଳି ମହାମାରୀ ସମୟରେ ସାଧାରଣ ରୋଗୀଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ ହେଉଥିବା ରକ୍ତ ର ଅଭାବକୁ ଦୂର କରିବା ସକାଶେ ମୁଖ୍ୟ ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ରାଜ୍ୟ ର ସମସ୍ତ ଅଚଂଳରେ ଜାରି ରହିଛି ଏହି କାର୍ଯ୍ୟକ୍ରମ । ତେବେ କୋରନା କୁ ନେଇ ଏକ ସଂଙ୍କଟ ସମୟରେ ଚିକିତ୍ସାରେ ରକ୍ତ ଅଭାବ ଦୂର କରିବା ପାଇଁ ଏହା ଏକ ପ୍ରୟାସ ବୋଲି ମତ ଦେଇଛନ୍ତି ।ଓଡିଶା ମୋ ପରିବାର ଜିଲ୍ଲା ସଂଯୋଜକ ।

ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ଆନୁକୂଲ୍ୟରେ ସପ୍ତାହ ବ୍ୟାପୀ ରକ୍ତଦାନ ଶିବିରର ଶୁଭାରମ୍ଭ

ପ୍ରଥମ ଦିନରେ ୧୪୫୦ ୟୁନିଟ୍ ରକ୍ତ ସଂଗ୍ରହ

ଭୁବନେଶ୍ୱର,୧୦।୮ (ନି.ପ୍ର): ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ ଆନୁକୂଲ୍ୟରେ ରାଜ୍ୟର ସବୁ ଜିଲ୍ଲା ସଦର ମହକୁମାଠାରେ ସପ୍ତାହବ୍ୟାପୀ ରକ୍ତଦାନ ଶିବିର ଅଭିଯାନର ଶୁଭାରମ୍ଭ ହୋଇଛି । ଏହି ରକ୍ତଦାନ ଶିବିର ଅଭିଯାନ ଅଗଷ୍ଟ୯ ତାରିଖ କ୍ରାନ୍ତି ଦିବସଠାରୁ ଆରମ୍ଭ ହୋଇ ଅଗଷ୍ଟ ୧୫ ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ଚାଲିବ । ଏହି ସମୟ ମଧ୍ୟରେ ୧୦ ହଜାର ୟୁନିଟ ରକ୍ତ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି । ଭୁବନେଶ୍ୱର ସ୍ଥିତ ବିଜୁ ଜନତା ଦଳ ମୁଖ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ଓଡ଼ିଶା ମୋ ପରିବାର ଆବାହକ ଶ୍ରୀ ଅରୁପ ପଟ୍ଟନାୟକ ଉଦଘାଟନ କରିଥିଲେ । ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ ମୁଖ୍ୟ ସଂଯୋଜକ ତଥା ବିଧାୟକ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ମନ୍ତ୍ରୀ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଓଡ଼ିଶା ମୋ ପରିବାର-ଜୀବନ ବିନ୍ଦୁ ମୁଖ୍ୟ ସହ-ସଂଯୋଜକ ତଥା ବିଧାୟକ ଶ୍ରୀ ଅତନୁ ସବ୍ୟସାଚୀ ନାୟକ,ରାଜ୍ୟସଭା ସାଂସଦ ଶ୍ରୀ ସୁଜିତ କୁମାର, ଭୁବନେଶ୍ୱର(ମଧ) ବିଧାୟକ ଶ୍ରୀ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର(ଉତର) ବିଧାୟକ ଶ୍ରୀ ସୁଶାନ୍ତ ରାଉତ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସେହିପରି ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାଠାରେ ସ୍ଥାନୀୟସାଂସଦ, ବିଧାୟକ ଓ ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜକ ଏବଂ ସହ-ସଂଯୋଜକଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ସପ୍ତାହବ୍ୟାପୀ ହେବାକୁ ଥିବା ଏହି ରକ୍ତଦାନ ଶିବିରର ପ୍ରଥମ ଦିନରେ ୨୯ଟି ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା ଏବଂ ୧୪୫୦ରୁ ଉର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

ବୀରପୁରୁଷୋତମପୁର ଅଂଚଳରେ ଚୋରି ବଢୁଛି ପାନ ଦୋକାନରୁ ତାଲା ଭାଙ୍ଗି ଚୋରି

ପିପିଲ,୧୦।୮ (ନି.ପ୍ର): ପୁରୀ ଜିଲ୍ଲା ପିପିଲି ଥାନା ସାତଶଙ୍ଗ ଫାଣ୍ଡି ଅନ୍ତର୍ଗତ ୩୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ବୀରପୁରୁଷୋତମପୁର ଛକରେ ଥିବା ଏକ ପାନ କୋକାନରୁ ଚୋରି ହୋଇଛି । ଚୋରମାନେ ଦୋକାନର ତାଲାଭାଙ୍ଗି ଦୋକାନ ଭିତରେ ପଶିବା ସହ ଦୋକାନରେ ଥିବା ଏକ ଗ୍ୟାସ ସିଲିଣ୍ଡର, ଚୁଲା, ଦୋକାନର କେତେକ ସାମଗ୍ରୀ ଏବଂ ନଗଦ ଦେଢ଼ ହଜାର ଟଙ୍କା ନେଇ ଯାଇଥିଲା ଦୋକାନୀ ଅଭିଯୋଗ କରିଛନ୍ତି । ସେ ଏନେଇ ଫାଣ୍ଡି ପୋଲିସର ଦ୍ୱାରସ୍ଥ ହୋଇଥିବା ଜଣାପଡିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ କିଛି ମାସ ଧରି ଏସବୁ ଅଂଚଳରେ ଅସାମାଜିକ କାର୍ଯ୍ୟକଳାପ, ଚୋରି, ମଦ୍ୟାପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି । ରାତ୍ରୀକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ପିପିଲି ଥାନା ଅଧିକାରୀଙ୍କୁ ନିବେଦନ କରାଯାଇଛି । ତେବେ ଥାନା ଅଧିକାରୀଙ୍କ ନିରବକା ଅସାମାଜିକଙ୍କୁ ପ୍ରୋତ୍ସାହନ ସଦୃଶ ହୋଇଛି ।

ଭଦ୍ରକ ଜିଲ୍ଲାରେ ସମ୍ବର୍ଦ୍ଧିତ ହେଲେ ୩ଜଣ ସ୍ୱାଧୀନତା ସଂଗ୍ରାମୀ

ଭଦ୍ରକ, ୧୦/୮ (ହି.ସ.) - ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କୁ ମହାମହିମ ରାଷ୍ଟ୍ରପତିଙ୍କ ପକ୍ଷରୁ 'ସ୍ୱତନ୍ତ୍ରତା ସୈନିକ ସମ୍ମାନ' ଯୋଜନାରେ ଜିଲ୍ଲା ପ୍ରଶାସନ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି । ସମଗ୍ର ରାଜ୍ୟରୁ୧୦ଜଣ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧିତ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୩ଜଣ ସ୍ୱାଧୀନତା ସଂଗ୍ରାମୀ ଧାମନଗର ବ୍ଲକ ଶିବପୁର ଗ୍ରାମର ବ୍ରଜକିଶୋର ରାଉତ, ସୂର୍ଯ୍ୟପୁର ଗ୍ରାମର ରାମହରି ଗୋସ୍ୱାମୀ ଏବଂ ଗୌରୀଶ୍ୟାମ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସମଗ୍ର ରାଜ୍ୟ କୋବିଡ଼ ଆଇନର କଟକଣାରେ ରହିଥିବାରୁ ଉକ୍ତ ସମ୍ମାନ ପ୍ରଦାନ ଉତ୍ସବକୁ ବାତିଲ କରାଯାଇ ସେମାନଙ୍କୁ ନିଜ ଜନ୍ମସ୍ଥାନ ବାସ ଗୃହରେ ଜିଲ୍ଲାପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ୟାମଭକ୍ତ ମିଶ୍ର, ଧାମନଗର ବିଡିଓ ଦୁର୍ଗା ମୁର୍ମୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ସୂର୍ଯ୍ୟପୁର ଗ୍ରାମକୁ ଯାଇ ରାମହରି ଗୋସ୍ୱାମୀ ଓ ଗୌରୀଶ୍ୟାମ ଗୋସ୍ୱାମୀଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ବିଡିଓ ଶ୍ରୀ ମୁର୍ମୁ ଏବଂ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବେହେରା ଶିବପୁର ଗ୍ରାମକୁ ଯାଇ ସଂଗ୍ରାମୀ ଶ୍ରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

ଲାଇଫ୍ ସଂଗଠନ ଓ ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ବୃକ୍ଷରୂପଣ କାର୍ଯ୍ୟକ୍ରମ

ଜଳେଶ୍ୱର,୧୦।୮ (ନି.ପ୍ର): ବୃକ୍ଷହିଁ ଜୀବନ । ଜଂଗଲ ଦ୍ୱାରା ବିଶ୍ୱର ପରିବେଶ ପରିବର୍ତ୍ତନ ସମ୍ଭବ ବୋଲି ଏଠାରେ ଆୟୋଜିତ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ବେଳେ ମତପ୍ରକାଶ ପାଇଛି । ଜଳେଶ୍ୱରର ଲାଇଫ ସଂଗଠନ ଓ ବାଲେଶ୍ୱରର ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମଠାରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଜାତୀୟ ସାମାଜିକ ସ୍ୱେଚ୍ଛାସେବୀ କୌଶିକ ପଣ୍ଡା, ଗ୍ରାମ୍ୟମୁଖ୍ୟ ବୀରକିଶୋର ଦାସ ମିଳିତଭାବେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିବା ବେଳେ ଲାଇଫର ସଂପାଦକ ତ୍ରିଲୋଚନ ଗିରି, ପ୍ରବର୍ତ୍ତକ ଗୋକୁଳାନନ୍ଦ ପ୍ରଧାନ, ସୁଶାନ୍ତ ଗାନ୍ଧି ପ୍ରମୁଖ ଏହି କାର୍ଯ୍ୟରେ ସହଯୋଗ କରିଥିଲେ । ଆଜି ଶୁଭାରମ୍ଭ ହୋଇଥିବା ବେଳେ ଅଗଷ୍ଟ ୧୫ରେ ଏହି ଗ୍ରାମରେ ଲାଇଫ ସଂଗଠନ ପକ୍ଷରୁ ୫ଶହ ବୃକ୍ଷରୋପଣ କରାଯିବା ସଂପର୍କରେ ସ୍ଥିର ହୋଇଥିବା ଶ୍ରୀ ଗିରି କହିଥିଲେ ।

ଜୁଆ ଆଡ୍ଡା ଉପରେ ପୋଲିସର ଚଢ଼ଉ

ବାରିପଦା,୧୦।୮ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ ସାହି ଥାନା ଅନ୍ତର୍ଗତ ନୂଆଗାଁରେ ଜୁଆ ଆଡ୍ଡା ଚାଲିଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ବଡ଼ ସାହି ଥାନା ପୋଲିସ ପକ୍ଷରୁ ସେଠାରେ ଚଢ଼ଉ କରାଯାଇଥିଲା । ଘଟଣାସ୍ଥଳରୁ ନଗଦ ଟଙ୍କା, ବାଇକ୍ ଓ ଜୁଆ ଖେଳ ସାମଗ୍ରୀ ଜବତ ହୋଇଛି । ତେବେ ପୋଲିସ ପକ୍ଷରୁ ଏନେଇ କୌଣସି ସୂଚନା ଗଣମାଧ୍ୟମକୁ ଦିଆଯାଇନାହିଁ । ସମ୍ପୃକ୍ତ ଅଂଚଳଟି ଥାନା ଠାରୁ ଦୂର ଏବଂ ଗ୍ରାମୀଣ ଇଲାକା ହୋଇଥିବାରୁ ଏଠାରେ ନକଲି ମଦ, ଗଞ୍ଜେଇ ଜୁଆ ଇତ୍ୟାଦି କାରବାର ବୃଦ୍ଧି ପାଇଛି ।

ବୁଲ୍‌ଡୋଜର ଚଢାଇ ମାରିବାକୁ ଧମକ ଦେଲେ ମଦ ମାଫିଆ

ଗିରଫ କରାନଗଲେ ଆନ୍ଦୋଳନକୁ ଓହ୍ଲାଇବ କଂଗ୍ରେସ

ଭଦ୍ରକ, ୧୦/୮ (ହି.ସ.) - ଭଦ୍ରକ ଜିଲ୍ଲାରେ ମଦ ଓ ଡ୍ରଗ୍ସ କାରବାରକୁ ପ୍ରୋତ୍ସାହନ ଯୋଗାଉଥିବା ଏବଂ ବିହାରୀ ଲିଙ୍କ ରଖି ଜିଲ୍ଲାରେ ବିଭିନ୍ନ ଅପରାଧିକ କାର୍ଯ୍ୟ କରୁଥିବା ମଦ ମାଫିଆ ଶ୍ୟାମ ନାରାୟଣ ପ୍ରସାଦ ଗୁପ୍ତା ସିଧାସଳଖ ଆଦିବାସୀଙ୍କୁ ବୁଲ୍‌ଡୋଜର ଚଢାଇ ମାରିଦେବା ଧମକକୁ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ତୀବ୍ର ବିରୋଧ କରିବା ସହ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଦାବୀ କରିଛି । ଭଦ୍ରକ ଚରମ୍ପା ତ୍ରିଶଳପୁର ଠାରେ ଦୀର୍ଘବର୍ଷ ଧରି ୪୦ ଆଦିବାସୀ ପରିବାର ବସବାସ କରିବା ସହିତ ଚରମ୍ପା ରାଇସ୍‌ମିଲରେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଛନ୍ତି । ସେମାନଙ୍କର ନାମ ଭୋଟର ତାଲିକାରେ ପଞ୍ଜିକୃତ ହୋଇଥିବା ବେଳେ ସେମାନେ ରାସନ କାର୍ଡ ମଧ୍ୟ ପାଇଛନ୍ତି । ବିପିଏଲ୍ ଯୋଜନା ଅନୁଯାୟୀ ବିଦ୍ୟୁତ ସଂଯୋଗ ମଧ୍ୟ ପାଇଛନ୍ତି । ସେମାନେ ରହୁଥିବା ଯାଗା ଚରମ୍ପା ରାଇସ୍‌ମିଲ୍‌ର ହୋଇଥିବା ବେଳେ ମିଲ୍ ମାଲିକ ସୀତାରାମ ଅଗ୍ରୱାଲ ଉକ୍ତ ଜାଗାକୁ ଆଦିବାସୀଙ୍କୁ ରହିବାକୁ ଚୁକ୍ତିପତ୍ର ମାଧ୍ୟମରେ ଦେଇଥିଲେ । ମାତ୍ର ଗତ କିଛି ଦିନ ତଳେ ସେମାନଙ୍କୁ ଦିଆଯାଇଥିବା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯିବା ପରେ ଆଦିବାସୀମାନେ ଏହାର କାରଣ ଜାଣିବାକୁ ଚାହିଁବାରୁ ସୀତାରାମଙ୍କ ପୁତ୍ର ପ୍ରବୀଣ ଅଗ୍ରୱାଲ ବାପାଙ୍କ ଦେହାନ୍ତ ପରେ ଉକ୍ତ ଜାଗାକୁ ମଦ ମାଫିଆ ଶ୍ୟାମ ନାରାୟଣ ପ୍ରସାଦ ଗୁପ୍ତାଙ୍କୁ ବିକ୍ରି କରିଦେଇଥିବାରୁ ଏବେ ଗୁପ୍ତା ଉକ୍ତ ଆଦିବାସୀମାନଙ୍କୁ ସଂପୃକ୍ତ ଜାଗାରୁ ହଟାଇବାକୁ ନିଜର ଅର୍ଥବଳ ପ୍ରୟୋଗ କରି ଏପରିକି ବୁଲ୍‌ଡୋଜର ଚଢାଇ ମାରିଦେବାକୁ ଧମକ ଦେଇଛନ୍ତି । ଏ ନେଇ ସଂପୃକ୍ତ ଆଦିବାସୀ ସାହିରେ ଥିବା ବୀର୍ସା ମୁଣ୍ଡା ଆଦିବାସୀ ସଂଗଠନ ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇବା ସହିତ ଏ ସଂକ୍ରାନ୍ତରେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଦିବାସୀ ସଂଗଠନ ଏ ସଂକ୍ରାନ୍ତରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ନଳିନୀକାନ୍ତ ମହାନ୍ତିଙ୍କୁ ଅବଗତ କରାଇବା ପରେ ଆଜି ଶ୍ରୀ ମହାନ୍ତିଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ କଂଗ୍ରେସ ନେତା ସୁବ୍ରତ ଦାସ, ବିଜୟ ବାରିକ, ଉମେଶ ଚନ୍ଦ୍ର ବାରିକ ପ୍ରମୁଖ ଆଦିବାସୀ ସାହିକୁ ଯାଇ ଏହି ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ତୁରନ୍ତ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏବଂ ପୁଲିସର ସହଯୋଗରେ ସେମାନଙ୍କୁ ବିଦ୍ୟୁତ ସଂଯୋଗ ଯୋଗାଇ ଦେଇଛନ୍ତି । ଅନ୍ୟପକ୍ଷରେ ମଦ, ଡ୍ରଗ୍ସ ତଥା ବିଭିନ୍ନ ଅପରାଧିକ ମାମଲାରେ ନିଜେ ଜଡିତ ରହିବା ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ବିଭିନ୍ନ ସମୟରେ ଧମକ ଦେଉଥିବା ଗୁପ୍ତାକୁ ତୁରନ୍ତ ଗିରଫ କରିବାକୁ

ସଦର ବିଜେପିର ମିଶ୍ରଣ ପର୍ବ

ବାଲେଶ୍ୱର,୧୦।୮ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ପରିଖି ପଞ୍ଚାୟତର ହଣାଘୋଟଠାରେ ସଦର ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ସ୍ୱର୍ଗତ ବିଧାୟକ ମଦନ ମୋହନ ଦତ୍ତଙ୍କ ପୁତ୍ର ମାନସ କୁମାର ଦତ୍ତ (ମିଣ୍ଟୁ)ଙ୍କ ନେତୃତ୍ୱରେ ଏକ ମିଶ୍ରଣ ପର୍ବ ଆଜି ଅନୁଷ୍ଠିତ ହୋଇଯାଇଅଛି । ସଭାନେତ୍ରୀ ମାମୁନି ହାତୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ବିଜେଡି ଏବଂ କଂଗ୍ରେସ ଦଳରୁ ୫୦ରୁ ଊର୍ଦ୍ଧ୍ୱ ଯୁବକ ଓ ମହିଳା କର୍ମୀ ବିଧିବଦ୍ଧ ଭାବେ ବିଜେପିରେ ଯୋଗଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସ୍ୱଚ୍ଛ ଭାବମୂର୍ତ୍ତି ଓ ଜନ ହିତକାରୀ ଯୋଜନା, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କ ନେତୃତ୍ୱକୁ ଭରସା ରଖି ତଥା ସ୍ୱର୍ଗତ ବିଧାୟକ ମଙ୍ଗୁଭାଇଙ୍କ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବାର ସଂକଳ୍ପ ନେଇ ପରିଖି ପଞ୍ଚାୟତର ଦିଲ୍ଲୀପ ପ୍ରଧାନ, ଅରବିନ୍ଦ ସାସମଲ, ଦେବାଶିସ ପାଳ, ବିଜୟ ପାଲ, ଦେବ ସିଂ, ଗୀତାଞ୍ଜଳୀ ପ୍ରଧାନ, ନିହାରିକା ସାସମଲ, ସୁକାନ୍ତି ଜେନା, ସବିତା ଦେ, ବିଶ୍ୱଜିତ ପ୍ରଧାନ, ଜଗଦୀଶ ମାଇତି, ଅଭିଜିତ ପ୍ରଧାନ, ଅଜୟ ମାଇତି, ଦୀନବନ୍ଧୁ ଘୋଡାଇ, ସୁଖଦେବ ଜେନା ଆଦି ବହୁ ସଂଖ୍ୟାରେ ବିଜେପିରେ ଯୋଗଦାନ କରିଛନ୍ତି । ସ୍ୱର୍ଗତ ବିଧାୟକ ମଙ୍ଗୁ ଭାଇଙ୍କ ୧ ବର୍ଷର କାର୍ଯ୍ୟକାଳରେ ଆଶତୀତ ବିକାଶକୁ ଦୃଷ୍ଟିରେ ରଖି ତାଙ୍କରଅଧୁରା ସ୍ୱପ୍ନକୁ ସାକାର କରିବା ପାଇଁ ସେମାନେ ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି । ସମସ୍ତଙ୍କ ଯୋଗଦାନ ଦଳର ସଙ୍ଗଠନକୁ ଆହୁରି ଦୃଢ କରିବା ସହିତ ଆଗାମୀ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ସଦର ବିଜେପି ନେତା ମାନସ କୁମାର ଦତ୍ତ ମତ ରଖିଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ରବିନାରାୟଣ ମହାପାତ୍ର, ଗୌରାଙ୍ଗ ଦାସ, ମଣ୍ଡଳ ସଭାପତି ଅନୀଲ ପାତ୍ର, ମଣ୍ଡଳ ପ୍ରଭାରୀ ଅନନ୍ତ ନାୟକ, ପଞ୍ଚାୟତ ସଭାପତି ଦୀପକ ଆଚାର୍ଯ୍ୟ, ସୋସୋଆଲ ମିଡିଆ ସଂଯୋଜକ ସରୋଜ ପରିଡା, ସୁବାସ ହାତୀ, ବ୍ରଜ ପରିଡା, ବାବୁ ଖଟୁଆ, କୁନା ମହାତା ପ୍ରମୁଖ ଉପସ୍ଥିତ ଥିଲେ ।

ଇକୋସେଭର ୟୁଥ୍ ନେଟୱାର୍କ ଓଡ଼ିଶାର କର୍ମକର୍ତ୍ତା ଚୟନ

ଭୁବନେଶ୍ୱର,୧୦।୮ (ନି.ପ୍ର): ଇକୋସେଭର ୟୁଥ ନେଟୱର୍କ ଓଡ଼ିଶା ତରଫରୁ ଏକ ରାଜ୍ୟସ୍ତରୀୟ ସମାବେଶ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜିତ ହୋଇଯାଇଛି । ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୭୫ ଜଣ ଯୁବକ ଓ ଯୁବତୀ ଯୋଗ ଦେଇଥିଲେ । ପିକକର ସମ୍ପାଦକ ରଂଜନ କୁମାର ମହାନ୍ତି ଇକୋ ସେଭର ୟୁଥ ନେଟୱର୍କ ମେମ୍ବର ମାନଙ୍କୁ ସେମାନଙ୍କ ପରିବେଶ ସମ୍ପର୍କି କାର୍ଯ୍ୟକ୍ରମ ପାଇଁ ପ୍ରଶଂସା କରିଥିଲେ ।ଏହାପରେ ଜଣେ କିପରି ଗୋଟେ ଦଳର ନେତୃତ୍ୱ ନେଇପାରିବ ଓ ତାହା ପାଖରେ କଣ କଣ ଗୁଣ ରହିବା ଆବଶ୍ୟକ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଥିଲେ । ପିକକର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି, ଯୁବ ଗୋଷ୍ଠୀଙ୍କୁ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ସୂଚାଇଥିଲେ । ସୁଶ୍ରୀ ଶୈଳାନୀ ସୁମନ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଜଳବାୟୁ ପରିବର୍ତନର ଭୟାବହ ପରିଣାମ ସମ୍ପର୍କରେ ଯୁବଗୋଷ୍ଠୀଙ୍କୁ ଅବଗତ କରାଇଥିଲେ । ସେ ବିଭିନ୍ନ ପ୍ରକାର ଉଦାହରର ଦେଇଥିଲେ ଯଥା ଗ୍ରୀନଲାଣ୍ଡରେବରଫ ତରଳିବା, ଚେନ୍ନାଇରେ ଜଳର ଘୋର ଅଭାବ ଦେଖାଯିବା, ବିଭିନ୍ନ ହ୍ରଦ ଓ ନଦୀ କାଳକ୍ରମେ ଶୁଖିଯିବା ଇତ୍ୟାଦି । ଇକୋ ସେଭର ୟୁଥ୍ ନେଟୱର୍କର ସଭାପତି ସ୍ମୃତି ରଂଜନ ପ୍ରଧାନ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ । ଏହି ସମାବେଶରେ ଇକୋ ସେଭର ୟୁଥ ନେଟୱର୍କ ଓଡ଼ିଶା ପାଇଁ ନୂତନ କର୍ମକର୍ତା ଚୟନ କରାଯାଇଥିଲା । ଖୋର୍ଦ୍ଧା ଜିଲ୍ଲାର ସ୍ମୃତି ରଂଜନ ପ୍ରଧାନ ସର୍ବ ସମ୍ମତିକ୍ରମେ ଡିସେମବର ୨୦୨୧ ପର୍ଯ୍ରନ୍ତ ସଭାପତିଭାବେ ପୁନଃ ନିର୍ବାଚିତ ହୋଇଥିଲେ । କେନ୍ଦ୍ରାପଡ଼ାର ପବିତ୍ର ସାହୁ ଓ କେନ୍ଦୁଝରର କଳ୍ପା ନାୟକ ଉପସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

ପ୍ରଥମ ଥର ପାଇଁ ଜିଲ୍ଲାର ଆକ୍ରାନ୍ତ ୭୦ ହେଲା : ମୋଟ ୯୮୫

ଭଦ୍ରକ,୧୦।୮ : ଜିଲ୍ଲାରୁ ନୂତନ ଆକ୍ରାନ୍ତ ପ୍ରଥମ ଥର ପାଇଁ ୭୦ ଛୁଇଁଛି । ଯାହା ଫଳରେ ଜିଲ୍ଲାର ମୋଟ ଆକ୍ରାନ୍ତ ୯୮୫ ହୋଇଛି । ଜିଲ୍ଲାରୁ ମୋଟ ୨୨ ହଜାର ୮୮୭ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ସଂଖ୍ୟା ୯୮୫ ହୋଇଥିବା ବେଳେ ଏମାନଙ୍କ ମଧ୍ୟରୁ ୬୯୨ଜଣ ସୁସ୍ଥ ହୋଇଛନ୍ତି । ଏବେ ଜିଲ୍ଲାର ମୋଟ ଆକ୍ଟିଭ ଆକ୍ରାନ୍ତ ୨୮୯ ଅଛନ୍ତି । କ୍ୱାରେଣ୍ଟାଇନରୁ ୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୬୪ଜଣ ସ୍ଥାନୀୟ ସଂକ୍ରମଣ । ଆକ୍ରାନ୍ତମାନଙ୍କ ମଧ୍ୟରୁ ବନ୍ତ ବ୍ଲକ ବସନ୍ତିଆ ଟିଏମ୍‌ସିରୁ ୩, ବାସୁଦେବପୁର ବ୍ଲକ ବରଣ୍ଟୁଆ ହାଇସ୍କୁଲ ଟିଏମ୍‌ସିରୁ ୨, ଭଣ୍ଡାରିପୋଖରୀ ବ୍ଲକ ନାଆମୀ ଟିଏମ୍‌ସିରୁ ଜଣେଙ୍କ ବ୍ୟତୀତ ତିହିଡି ବ୍ଲକ ବିଲଣା ବୋଡକ ଗ୍ରାମର ଜଣେ ଏବଂ ଭଦ୍ରକ ବ୍ଲକ ୧୩ ନଂ ୱାର୍ଡ ଅପର୍ଣ୍ଣବିନ୍ଧା ଗ୍ରାମର ଜଣେ ଆକ୍ରାନ୍ତ କଟକ ଏସିସିବିରେ ଚିକିତ୍ସା ହେଉଥିବା ବେଳେ ପଜିଟିଭ ଭାବେ ଚିହ୍ନଟ ହୋଇଛନ୍ତି । ସେହିପରି ଧାମନଗର ବ୍ଲକ ବେତାଳିଗାଁର ଜଣେ ଭୁବନେଶ୍ୱର କଳିଙ୍ଗ ହସ୍‌ପିଟାଲରେ ଚିକିତ୍ସା ବେଳେ ପଜିଟିଭ୍ ଭାବେ ଚିହ୍ନଟ ହୋଇଛନ୍ତି । ଲୋକାଲ କଣ୍ଟାକ୍ଟରେ ୩ଜଣ ବନ୍ତ ବ୍ଲକ ସିଳନ୍ଦୀ ଗ୍ରାମରୁ, ୩ଜଣ ଧାମନଗର ଗୁଆପୋଖରୀ ଗ୍ରାମରୁ, ୫ଜଣ ଅନହାରପୁର ଗ୍ରାମରୁ, ୬ଜଣ ଭଦ୍ରକ ପୌରପାଳିକା ସାବନବଜାରରୁ ଚିହ୍ନଟ ହୋଇଛନ୍ତି । ସେହିପରି ଭଦ୍ରକ ପୌରପାଳିକା ୬ ନଂ ୱାର୍ଡ ଗୋପବନ୍ଧୁନଗରରୁ ଜଣେ, ମଠସାହିରୁ ଜଣେ, ୧୧ ନଂ ୱାର୍ଡରୁ ୨ଜଣ, ୫ ନଂ ୱାର୍ଡ ଚରଖାରୁ ଜଣେ, ୨ ନଂ ୱାର୍ଡ ବରାଳପୋଖରୀରୁ ଜଣେ, ସରକାରନଗରରୁ ୨ଜଣ, ୧୭ ନଂ ୱାର୍ଡ ଚନ୍ଦନବଜାରରୁ ୨ଜଣ, ୩୦ ନଂ ୱାର୍ଡ ବାଲିପାଟଣା ଗ୍ରାମରୁ ଜଣେ, ୧୩ ନଂ ୱାର୍ଡ ଅପର୍ଣ୍ଣବିନ୍ଧାରୁ ଜଣେ, ୧୪ ନଂ ୱାର୍ଡ ସନ୍ନିଆରୁ ଜଣେ, ୮ ନଂ ୱାର୍ଡ ବାଗୁରାଇ ଜେଲ କଲୋନୀରୁ ଜଣେ, ୨୦ ନଂ ୱାର୍ଡ ଶଙ୍କରପୁରରୁ ଜଣେ, ପୁରୁଣାବଜାରରୁ ଜଣେ, ୨୪ ନଂ ୱାର୍ଡ ମୀର୍ଜାପୁରରୁ ୨ଜଣ, ଭଦ୍ରକ ବ୍ଲକ ଇଛାପୁର ଗ୍ରାମରୁ ୨, ରଘୁପତିବିନ୍ଧା ଗ୍ରାମରୁ ଜଣେ, ତୋରଣପଦା ଗ୍ରାମରୁ ଜଣେ, ତେନ୍ତୁଲିଗଡିଆ ଗ୍ରାମରୁ ଜଣେ, ବନ୍ତ ବ୍ଲକ ରାଉତରାୟପୁର ଗ୍ରାମରୁ ଜଣେ, ବିଶଲକଣା ଗ୍ରାମରୁ ଜଣେ, ବନ୍ତରୁ ଜଣେ, ଧାମନଗର ବ୍ଲକ ଇନ୍ଦ୍ରଗୋବିନ୍ଦ ହାଇସ୍କୁଲରୁ ୨ଜଣ, କୋଠାର ଗ୍ରାମରୁ ୨ଜଣ, ଚୁଡାକୁଟି ଗ୍ରାମରୁ ୨ଜଣ, ରଘୁନାଥପୁର ଗ୍ରାମରୁ ୨ଜଣ, ତିହିଡି ବ୍ଲକ ଜଉଗାଁରୁ ଜଣେ, ଗୁଆମାଳ ଗ୍ରାମରୁ ଜଣେ, ଗୋପାଳବିନ୍ଧା ଗ୍ରାମରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ନାଆମୀ ଗ୍ରାମରୁ ଜଣେ, ମଞ୍ଜୁରିରୋଡରୁ ଜଣେ, ଷୋଳମପୁର ଗ୍ରାମରୁ ଜଣେ, ଧାମନଗର ଏନ୍‌ଏସିର ଶ୍ୟାମପୁର, ତାଳପଦା, ଗୋଖାଜିପ, ହବିବନଗର ଗ୍ରାମରୁ ଜଣେ ଲେଖାଏଁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ମୋଦି ହଟାଓ ଭାରତ ବଞ୍ଚାଅ ଓ ଶ୍ରମିକଙ୍କର ନ୍ୟାଯ୍ୟ ଦାବିକୁ ନେଇ ଜେଲଭରୋ ଆନ୍ଦୋଳନ

ଭଦ୍ରକ,୧୦।୮ (ନି.ପ୍ର): ଭଦ୍ରକରେ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ମୋଦି ହଟାଓ ଭାରତ ବଞ୍ଚାଓ ଦିବସରେ ଜେଲଭେରୋ ଆନ୍ଦୋଳନ ଏବଂ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ସିଟୁନେତା କମ୍ରେଡ୍ ଦିବ୍ୟାସିଂହ ନାୟକଙ୍କ ସଭାପତିତ୍ୱରେ ସମର ବଳ, ରମେଶ ଯେନା, ,ରାଧା ଦାସ, ରାମଚନ୍ଦ୍ର ଶଙ୍କୁଆ, ସୁବାଶିଷ ନାୟକ ପ୍ରମୁଖ ଶ୍ରମିକନେତା ଏହି ଜେଲଭେରୋ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ।କେନ୍ଦ୍ରୀୟ ଶ୍ରମିକ ସଂଗଠନ ସିଆଇଟିୟୁ, ଏଆଇସିସିଟିୟୁ, ଏଆଇଯିୟୁସି, ଏଆଇୟୁଟିୟୁସି ,ଆଇଏନଟିୟୁସି, ବ୍ୟାଙ୍କ ଓ ବୀମା ସରଠନର ଶ୍ରମିକନେତାମାନେ ଏହି ଜେଲଭେରୋ ଆନ୍ଦୋଳନରେ ସାମିଲ ହୋଇ ଦେଶବିରୋଧି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରଯାଇଥିଲା । ଦେଶର ମୋଦି ସରକାରଙ୍କର ଶ୍ରମିକବିରୋଧି ନୀତି ଓ କରୋନା ମହାମାରୀକୁ ମୁକାବିଲା କରିବାର ବିଫଳତାକୁ ବିରୋଧ କରି ଦେଶବ୍ୟାପି ପ୍ରତିବାଦ କରାଯାଇଅଛି । କରୋନା ମହାମାରୀ ସମୟରେ ଦୀର୍ଘବର୍ଷ ଧରି ପ୍ରଚଳିତ ଶ୍ରମଆଇନ୍‌କୁଡିକ ସଂଶୋଧନ କରାଯାଇଛି । ଶ୍ରମିକମାନଙ୍କ ଦେନିକ କାର୍ଯ୍ୟ ନିର୍ଘଣ୍ଟ ୮ଘଣ୍ଟା ପରିବର୍ତ୍ତେ ୧୨ ଘଣ୍ଟା କରିବା ପାଇଁ ନିର୍ଦ୍ଦେଶନାମା ଜାରୀ କରାଯାଇଛି । ପ୍ରବାଶୀ ଶ୍ରମିକମାନଙ୍କୁ ଥଇଥାନ କରାଯାଉ ,ସପେଇ କର୍ମଚାରୀମାନଙ୍କର ପଚାଶ ଲକ୍ଷ ବୀମା କରଣ ପ୍ରଦାନ

କରିବା ଏବଂ ତାଲା ବନ୍ଦ ସମୟରେ ଶ୍ରମିମାନଙ୍କୁ ତୁରନ୍ତ ଦରମା ପ୍ରଦାନ କରାଯାଇ, ଇପିଏଫ ,ଇଏସଆଇ ନିୟମିତ ପ୍ରଦାନ କରାଯାଉବୋଲି ଦାବୀ କରାଯାଇଥିଲା । ସେହିପରି ,କରୋନା ସହାୟତା ୧୫ଶହଟଙ୍କା ବାକି ରହିଥିବା ନିର୍ମାଣ ଶ୍ରମିକମାନଙ୍କୁ ପ୍ରଦାନ କରାଯିବା,ରେଳବାଇକୁ ଘରୋଇ କରଣ ବନ୍ଦ କରିବା, ଶ୍ରମକୋର୍ଡ ଆଇନ୍ ବାତିଲ କରିବା, ଆୟକର ନଥିବା ପ୍ରତ୍ୟେକ ପରିବାରକୁ ୧୦ହଜାର ଟଙ୍କା ସହାୟତା ପ୍ରଦାନ କରିବା, ଏବଂ ସମାନ କାମକୁ ସମାନ ମଜୁରୀକୁ ଦାବୀ କରଯାଇଥିଲା । ଏତଦ୍ ବ୍ୟତୀତ କୋଭିଡ୍ ଯୋଦ୍ଧା ଭାବରେ କାର୍ଯ୍ୟରତ ସଫେଇ କର୍ମଚାରୀ, ଅଙ୍ଗନୱାଡି, ଆଶା, ମଧ୍ୟାହ୍ନ ଭୋଜନ ପାଚିକା, ୧୦୮ଆମ୍ବୁଲାନ୍ସ କର୍ମଚାରୀମାନଙ୍କ ପାଇଁ ସରକାର ପକ୍ଷରୁ ପ୍ରସୋହନ ଯୋଗାଇ ଦିଆଯିବାକୁ ଶ୍ରମିକ ନେତାମାନେ ଦାବୀ କରିଥିଲେ । ଲକ୍ ଡାଉନ୍ ଓ ସଟ୍‌ଡାଉନ୍ ଘୋଷଣା ଦେଶର ଶ୍ରମ ଜୀବି ଜନତାଙ୍କ ଜୀବନ ଓ ଜୀବିକା ଛଡାଇ ନେଇଛି ଏବଂ ଲକ୍ଷ ଲକ୍ଷ ଶ୍ରମିକ ଆଜି ରାଜରାସ୍ତାରେ । ସେମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ସରକାରଙ୍କ ଭୂଲ ନୀତି କାରଣରୁ ଶତାଧିକ ଶ୍ରମିକ ମୃତ୍ୟୁବରଣ କରିଥିବାବେଳେ ଚାକିରୀ ହରାଇ, ମଜୁରୀ ନପାଇଁ ଆତ୍ମହତ୍ୟା କରିବାକୁ ସରକାର ବାଧ୍ୟ କରୁଛନ୍ତି । ପ୍ରବାଶୀ ଶ୍ରମିକମାନଙ୍କୁ ନିଜ ଖର୍ଚ୍ଚରେ ସେମାନଙ୍କ ଭିଟାମାଟିରେ ପହଞ୍ଚାଇବା ଦାୟିତ୍ୱ କେନ୍ଦ୍ର ଓ ରାଜ୍ୟ ସରକାର ଭୂଲିଗଲେ । ଏପରି କି ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ସ୍ୱତ୍ତେ ତାହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇନାହିଁ । ସମସ୍ତଙ୍କୁ ଅତିକମ୍‌ରେ ଛଅମାସ ପାଇଁ ମୁଣ୍ଡପିଛା ୧୦ କିଲୋ ଖାଦ୍ୟସଶ୍ୟ ,ପ୍ରତ୍ୟେକ ଆୟକର ପ୍ରଦାନ କରୁ ନ ଥିବା ପରିବାରକୁ ଛଅମାସ ପାଇଁ ମାସିଆ ୭ହଜାର ୫ଶହ ଟଙ୍କାର ସହୟତା ଯୋଗାଇ ଦେବାକୁ ଶ୍ରମିକ ସଂଗଠନର ଦାବୀକୁ ସରକାର କର୍ଣ୍ଣପାତ କରୁ ନାହାନ୍ତି । ବେକାରୀ ସଂଖ୍ୟା ଆକାଶ ଛୁଆଁ ହୋଇ ୨୭ପ୍ରତିଶତରେ ପହଞ୍ଚିଲାଣି । ଆର୍ନ୍ତଜାତିକ ଶ୍ରମ ସଂଗଠନ ଆଇଏଲଓ ରିପୋର୍ଟ ଆନୁଯାଇ ୪୦କୋଟିରୁ ଉର୍ଦ୍ଧଲୋକ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଜୀବନ କାଟୁଛନ୍ତି ।କରୋନା ମହାମାରୀ ସମୟରେ ୧୯୫୫ ମସିହାରେ ଅତ୍ୟବଶ୍ୟକ ସାମଗ୍ରିକ ଆଇନ୍ ସଂଶୋଧନ କରି କୃଷକ ଓ ସାଧାରଣ ଖାଉଟି ବିରୋଧୀ ନୀତିକୁ ତୀବ୍ରତର କରାଯାଇଛି । । ବହୁ ଆଡମ୍ବରରେ ଲଘୁକ୍ରୀୟା ପରି ତଥାକଥିତ ୨୦ଲକ୍ଷ କୋଟିର ପ୍ୟାକେଜ୍ ଗରିବ ମଣିଷପ୍ରତି କ୍ରୂର ଉପହାସ । ଅନ୍ୟମାନଙ୍କ ମଧ୍ୟରେ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଚନ୍ଦ୍ରଶେଖର ନାୟକ,ପ୍ରଭାସ ମହାପାତ୍ର , ନିରଞ୍ଜନ ପାଣି,ରବିନ୍ଦ୍ର ବାରିକ୍, ପୂର୍ଣ୍ଣଚନ୍ଦ୍ର ଦାସ, ରାମାକାନ୍ତ ଦାସ, ସଂଗ୍ରାମ ବଳ, ରବିନ୍ଦ୍ର ସେଠୀ, ବିନ୍ୟାଦର ବାରିକ୍, ନୃସିଂହ ଦାସ ,ମଳୟ ଭୋଇ, ବିଷ୍ଣୁ ଦାସ, ବ୍ୟାଙ୍କ କର୍ମଚାରୀ ସଂଘର ନେତା ଜଗନ୍ନାଥ ରାଉତ, ବୀମା କର୍ମଚାରୀ ପକ୍ଷରୁ ପୂର୍ଣ୍ଣଚନ୍ଦ୍ର ଦାସ ଓ ନବ ବେହେରା ଓ ଜିଆଇସି କାଳନ୍ଦ୍ରୀ ପାତ୍ର, ଆଜମଲ୍ ହୁସେନ୍,ହଲିମା ବିବି,କିଶୋର ଜେନା, ସୀତା ଜେନା, ସେକ୍ କମର, ମାକଣ୍ଡ ଜେନା ଓ ମଣ୍ଟୁ ମୁଣ୍ଡା, ପ୍ରତାପ ସେଠୀ ,ସେକ୍ କାଲା, ସେକ୍ କାଲୁ,ଶାନ୍ତି ନାୟକ, ବାସନ୍ତି ବେହେରା, ପ୍ରଫୁଲ ପାଢୀ, ଜୟନ୍ତି ବିଶ୍ୱାଳ,ସୀତା ଦାସ,ପ୍ରମୁଖ ଆନ୍ଦୋଳନରେ ଯୋଗଦେଇଥିଲେ ।

ଭିଡ଼ିଓ କନଫରେନ୍‌ସିଂ ମାଧ୍ୟମରେ ଲଘୁ ଖଣିଜ ପଦାର୍ଥର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୦।୮ (ନି.ପ୍ର): ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପିରଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡି ଲୋକସେବା ଭବନରୁ ଭିଡ଼ିଓ କନଫରେନସିଂ ମାଧ୍ୟମରେ ରାଜ୍ୟରେ ଥବବା ଲଘୁ ଖଣିଜ ପଦାର୍ଥର ସମୀକ୍ଷା କରିଛନ୍ତି । ରାଜ୍ୟର ସମସ୍ତ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାର ତଥା ଅତିରିକ୍ତ ତହସିଲଦାର ମାନଙ୍କୁ ନେଇ ହୋଇଥିବା ଏହି ସମୀକ୍ଷାରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଅଂଶଗ୍ରହଣ କରି ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହ ମତ ବିନିମୟ କରିଥିଲେ । ସମୀକ୍ଷାରେ ମୁଖ୍ୟତଃ ଲଘୁଖଣିଜ ପଦାର୍ଥ ଉତ୍ତର ବନ୍ଦୋବସ୍ତ ଏବଂ କାର୍ଯ୍ୟକ୍ଷମଶୀଳତା, ନୂତନ ତଥା ବୃହତ୍ ଲଘୁଖଣିଜ ପଦାର୍ଥ ଉତ୍ତର ଚିହ୍ନଟ, ରାଜସ୍ୱ ଆଦାୟର ଲକ୍ଷ୍ୟ ପୂରଣ ଏବଂ ପ୍ରବର୍ତନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

୧୭ କରୋନା ପିଡିତ ସୁସ୍ଥ ହୋଇ ଫେରିଲେ ମାକିଡିଆ ଗାଁକୁ

ଜଳେଶ୍ୱର,୧୦।୮ (ନି.ପ୍ର): ଗତ ୧୨ ଦିନ ତଳେ ମାକିଡିଆ ଓ କୁଅଁରପୁର ଗାଁରୁ ୧୭ଜଣ କରୋନା ପଜେଟିଭ୍ ଚିହ୍ନଟ ହେବାପରେ ସମସ୍ତେ ଜିଲା ପ୍ରଶାସନ ଦ୍ୱାରା ବାଲେଶ୍ୱରସ୍ଥିତ କୋଭିଡ୍ କେୟାର ସେଣ୍ଟର ଗୁଡିକରେ ଚିକିତ୍ସିତ ହୋଇ ଥିଲେ । ଏବେ ସେମାନେ ସୁସ୍ଥ ହୋଇ ୧୧ ଜଣ ଗତ ରବିବାର ଗାଁକୁ ଫେରିଥିବା ବେଳେ ଆଜି ଅନ୍ୟ ୬ଜଣ ଗାଁକୁ ଫେରିଥିବା ଜଣାଯାଇଛି । କୁଅଁରପୁର ଗାଁର ୬ଜଣ ଫେରୁଥିବା ଜାଣି ଯୁବ ସମାଜସେବି ଆଲୋକ ଘଡାଇ ସେମାନଙ୍କୁ ସ୍ୱାଗତ ଜଣାଇ ଗାଁକୁ କଡେଇ ନେଇଥିଲେ । ୧୭ଜଣ ଗାଁକୁ ଫେରିଥିବାରୁ ଆଜି ଗାଁରେ ଆନନ୍ଦର ଲହରୀ ଫେରିଛି । ସେମାନେ ଅମାନିଆ ମାନଙ୍କୁ ପଶ୍ଚିମବଂଗ ନ ଯିବା ଓ କଣ୍ଟେନ୍‌ମେଣ୍ଟ ଜୋନ୍ ବାହାରକୁ ଯିବାରେ ବାରଣ କରୁଥିବା ଜଣାଯାଇଛି । ଏମାନଙ୍କ ମଧ୍ୟରେ ଜଳେଶ୍ୱର ଥାନାର କଣେ କନେଷ୍ଟବଳ, କୁଅଁରପୁର ଓ ମାକିଡିଆ ଗାଁର ନେତୃସ୍ଥାନୀୟ ବ୍ୟକ୍ତି ସୁସ୍ଥ୍ୟ ହୋଇ ଫେରିଥିବା ଜଣାଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ମନ୍ଦିର ଖୋଲିବା...

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ନଜରରେ ରଖି ରାଜ୍ୟ ସରକାର ନିଷ୍ପତ୍ତି ନିଅନ୍ତୁ ବୋଲି ସୋମବାର ଦିନ ରାୟ ଦେଇଛନ୍ତି । ସୂଚନାଯୋଗ୍ୟ, ପୁରୀର ତ୍ରିଲୋଚନ ରଥ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ କେନ୍ଦ୍ର ସରକାର ଜାରି କରିଥିବା ନିୟମାବଳୀ ଅନୁସାରେ ଧର୍ମାନୁଷ୍ଠାନ ଖୋଲା ରହିପାରିବ । କିନ୍ତୁ ରାଜ୍ୟ ସରକାର କେନ୍ଦ୍ରର ନିୟମାବଳୀ ଉଲ୍ଲଂଘନ କରି ଜୁଲାଇ ୩୧ରେ ଜାରି କରିଥିବା ନିୟମାବଳୀରେ ପୂର୍ବ ଭଳି ଧର୍ମାନୁଷ୍ଠାନ ବନ୍ଦ ରଖିବାକୁ ଘୋଷଣା କରିଛନ୍ତି । ଏହା କେନ୍ଦ୍ର ସରକାରଙ୍କ ନିୟମାବଳୀର ଉଲ୍ଲଂଘନ । ରାଜ୍ୟ ସରକାର ମଦ ଦୋକାନଠାରୁ ଆରମ୍ଭ କରି ସପିଂ ମଲ୍ ପର୍ଯ୍ୟନ୍ତ ସବୁ କିଛି ଖୋଲିବାକୁ ଅନୁମତି ଦେଇ ସାରିଛନ୍ତି ।ଏଭଳି ସ୍ଥିତିରେ ରାଜ୍ୟ ସରକାରଙ୍କ କୋଭିଡ-୧୯ ନିୟମାବଳୀ ଓ କେନ୍ଦ୍ର ସରକାରଙ୍କ ନିୟମ ପାଳନ କରି ମନ୍ଦିରରେ ସା

ମଙ୍ଗଳବାର, ୧୧ ଅଗଷ୍ଟ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜଳେଶ୍ୱରଠାରେ ଖୋଲିଲା କୋଭିଡ୍ କେୟାର ସେଣ୍ଟର : ୭୮ ଜଣଙ୍କ ହେବ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା

ଜଳେଶ୍ୱର,୧୦।୮ (ନି.ପ୍ର): ଦିନକୁ ଦିନ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସେମାନଙ୍କ ଚିକିତ୍ସାଲାଗି ଅଧିକ କେୟାର ସେଣ୍ଟର ଆବଶ୍ୟକତା ପଡୁଛି । ଉତ୍ତର ବାଲେଶ୍ୱରରେ ଜଳେଶ୍ୱର, ଭୋଗରାଇ ବ୍ଲକରେ ଥିବା ୮୫ଟି ପଂଚାୟତ ସ୍ତରୀୟ କୋଭିଡ୍ ହୋମ ସେଣ୍ଟରରେ ରହୁଥିବା ଗୋକୋଭିଡ୍ ଅରକ୍ରାନ୍ତ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କୁ ଜଳେଶ୍ୱର ଦୀନକୃଷ୍ଣ କଲେଜରେ ଖୋଲାଯାଇଥିବା କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସା କରାଯିବାର ବ୍ୟବସ୍ଥା ହୋଇଛି । ଆଜି ଏହା ଲୋକାର୍ପିତ ହୋଇଛି ।

ଜଳେଶ୍ୱର ଦୀନକୃଷ୍ଣ କଲେଜ ପରିସରରେ ନବନିର୍ମିତ ହଷ୍ଟେଲକୁ ଜିଲାପାଳଙ୍କ ନିର୍ଦ୍ଦେଶରେ କୋଭିଡ୍ କେୟାର ସେଣ୍ଟର ଘୋଷଣା କରାଯାଇଛି । ଜଳେଶ୍ୱର ଓ ଭୋଗରାଇ ଅଂଚଳର କୋଭିଡ୍ହୋମ ସେଣ୍ଟର ଗୁଡିକରେ ରହୁଥିବା ଲୋକଙ୍କ ମଧ୍ୟରେ ଲକ୍ଷଣ ପ୍ରକାଶ ପାଇଲେ ସେମାନଙ୍କୁ ଏହିହି କୋଭିଡ୍ କେୟାର ସେଣ୍ଟରକୁ ସ୍ଥାନାନ୍ତର କରାଯିବ । ଏଥିଲାଗି ଏହି ଗୃହର ଗ୍ରାଉଣ୍ଡ ଫ୍ଲୋରରେ ୨୪, ଫାଷ୍ଟ ଫ୍ଲୋରରେ ୨୭ ଓ ସେକେଣ୍ଡେ ଫ୍ଲୋରରେ ୨୭ଜଣଙ୍କ ରହିବା ସହିତ ଖାଇବା ପାଇବାର ବ୍ୟବସ୍ଥା କରାଯାଇଛି । ଆଜି ଘଟଣାସ୍ଥଳରେ ବାଲେଶ୍ୱରର ଡିଷ୍ଟ୍ରିକ୍ଟର ପବ୍ଲିକ ହେଲ୍‌ଥ ଅଫିସର ଡ. ଅନ୍ତର୍ଯ୍ୟାମୀ ମିଶ୍ର, ବିଡିଓ ଦିପ୍ତିରଂଜନ ସେଠୀ, ଜଳେଶ୍ୱର ସ୍ୱାସ୍ଥ୍ୟସେବା ମୁଖ୍ୟ ଡ. ପ୍ରଭାସ ଚନ୍ଦ୍ର ନାୟକ, ସରପଂଚ ଦିନେଶ କୁମାର ଜେନା ପ୍ରମୁଖ ଉପସ୍ଥିତ ହୋଇ ୭୮ଜଣ ରୋଗୀଙ୍କ ରହିବାର ସଂପର୍କରେ ସମୀକ୍ଷା କରିଛନ୍ତି । ଅନ୍ୟପକ୍ଷରେ ୩୨ଜଣ ଡାକ୍ତର, ୩ଜଣ ଫାମାଶିଷ୍ଟ, ୩ ଏଟେଣ୍ଡେଣ୍ଟ ଓ ୩ ସିକ୍ୟୁରିଟି ରହିବାଲାଗି କଲେଜ ପରିସରରେ ଥିବା ଅନ୍ୟଏକ କୋଠାର ବ୍ୟବସ୍ଥା କରାଯାଇଛି । କୋଭିଡ୍-୧୯ର ପ୍ରାରମ୍ଭିକ ଚିକିତ୍ସା ଏଠାରେ ହୋଇ ପାରିବ ବୋଲି ଡାକ୍ତର ଶ୍ରୀ ନାୟକ ସାମ୍ବାଦିକ ମାନଙ୍କ ପ୍ରଶ୍ନଉତ୍ତରରେ କହିଛନ୍ତି ।

୧୪୩୪ଛୁଇଁଲା ଜିଲ୍ଲାର ସଂକ୍ରମିତଙ୍କ ସଂଖ୍ୟା

ଚିନ୍ତା ବଢ଼ାଉଛି ବାଲେଶ୍ୱର ସହରର ସ୍ଥାନୀୟ ସଂକ୍ରମଣ

ବାଲେଶ୍ୱର,୧୦।୮ (ନି.ପ୍ର): ଦିନକୁ ଦିନ ଦେଶରେ ବୃଦ୍ଧି ପାଉଥିବା କରୋନା ସଂକ୍ରମଣ ସବୁ ବର୍ଗର ଲୋକଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଅଦ୍ୟାବଧି ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୨ଲକ୍ଷ ଟପିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ୪୪ହଜାର ୪୭୬ରେ ପହଞ୍ଚି ଛି । ଅନୁରୂପ ଭାବେ ଓଡ଼ିଶାରେ ଗତ ୨୪ ଘଣ୍ଟା ମଧ୍ୟରେ ୧୫୨୮ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ସହ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪୭ହଜାର ୪୫୫ରେ ପହଞ୍ଚିଛି । ଅନ୍ୟପକ୍ଷରେ ଆଜି ୧୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ରାଜ୍ୟରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟା ଏବେ ୨୮୬ରେ ପହଞ୍ଚିଛି । ସେହିଭଳି ବାଲେଶ୍ୱର ଜିଲ୍ଲାରେ ଗତ କିଛିଦିନ ଧରି କ୍ରମାଗତ ଭାବେ ବଢ଼ି ଚାଲିଥିବା କରୋନା ସଂକ୍ରମଣକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଆତଙ୍କ ଦେଖାଯାଇଛି । ବିଶେଷ କରି ସ୍ଥାନୀୟ ସଂକ୍ରମଣ ବୃଦ୍ଧି ଯୋଗୁଁ ଜିଲ୍ଲାର ସ୍ଥିତି ସଙ୍ଗୀନ ଆଡ଼କୁ ଯାଉଥିବା ଲକ୍ଷ୍ୟ କରାଯାଇଛି । ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେବାକୁ ଯାଉଛି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ୪୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଆଜି ଜିଲ୍ଲାର କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୩୪ରେ ପହଞ୍ଚିଛି । ଅଦ୍ୟାବଧି ୧୦୧୪ ଜଣ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୪୧୦ଜଣ କରୋନା ଆକ୍ରାନ୍ତଙ୍କୁ ଏବେ କୋଭିଡ୍ ହସପିଟାଲରେ ରଖି ଚିକିତ୍ସା କରାଯାଉଛି । ତେବେ କରୋନା ପଜିଟିଭ୍ ଥାଇ ଅନ୍ୟ ରୋଗରେ ପୀଡ଼ିତ ଜିଲ୍ଲାର ୨୭ ବର୍ଷର ଜଣେ ମହିଳାଙ୍କର ଆଜି ମୃତ୍ୟୁ ହୋଇଥିଲେ ବି କେରାନା ଜନିତ ମୃତ୍ୟୁ ସଂଖ୍ୟାରେ ଏହାକୁ ଗଣା ଯାଇନଥିବା ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି । ଗତକାଲି ଥିବା ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୫ରେ ଏବେ ସ୍ଥିର ରହିଛି । ତେବେ ଜିଲ୍ଲାରେ ଚିହ୍ନଟ ୪୩ ସଂକ୍ରମିତଙ୍କ ମଧ୍ୟରୁ ବାଲେଶ୍ୱର ପୌରାଞ୍ଚଳରେ ୧୪ ଜଣ ସ୍ଥାନୀୟ ସଂକ୍ରମିତ ହୋଇଥିବା ସରକାରୀ ସୂତ୍ରରୁ ଜଣାଯାଇଛି । ସମସ୍ତ ସ୍ଥାନୀୟ ସଂକ୍ରମିତ ପୂର୍ବ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁଁ କରୋନା ପିଜିଟିଭ୍ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଗତ କିଛିଦିନ ଧରି ଜିଲ୍ଲାରେ କ୍ରମାଗତ ଭାବେ ବାଲେଶ୍ୱର,୧୦।୮ (ନି.ପ୍ର): ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ଜୀବନ ଜୀବିକା ଗଣ ପରିଷଦ ପକ୍ଷରୁ ଗତ କିଛିଦିନ ଧରି ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଜାରି ରହିଛି । ନିକଟ ଅତୀତରେ ସୋର ଓ ରେମୁଣା ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିବା ବେଳେ ସଦର ବ୍ଲକରେ ଗଛଲଗା ଚାଲିଛି । ଏହି ପରିପ୍ରେକ୍ଷୀରେ ସଦର ବ୍ଲକ ଅନ୍ତର୍ଗତ ଗେଣ୍ଡୁଟି ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖ ପଡ଼ିଆରେ ସଂଗଠନ ପକ୍ଷରୁ ବୃକ୍ଷରୋପଣ କରାଯାଇଥିଲା । ଜୀବନ ଜୀବିକା ଗଣ ପରିଷଦର ସମ୍ପାଦକ ପ୍ରବୋଧ ପରିଡ଼ାଙ୍କ ନେତୃତ୍ୱରେ ସଦସ୍ୟମାନେ ବନବିଭାଗର ପରାମର୍ଶ ଅନୁଯାୟୀ ଏହି ପଡ଼ିଆରେ ▶▶ପୃଷ୍ଠା ୭

ଜୀବନ ଜୀବିକା ଗଣ ପରିଷଦ ପକ୍ଷରୁ ବୃକ୍ଷରୋପଣ

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧି ନୀତି ବିରୋଧରେ ଆନ୍ଦୋଳନ

ଭୁବନେଶ୍ୱର,୧୦।୮ (ନି.ପ୍ର): ଭୟଙ୍କର କରୋନା ମହାମାରୀରେ ଜନଗଣଙ୍କ ସ୍ୱାସ୍ଥ୍ୟରେ ଘୋର ସଂକଟ ଦେଖାଯାଇଛି । ଦୀର୍ଘ ଦିନ ଲକ୍‌ଡାଉନ ଫଳରେ ଶ୍ରମିକ, କୃଷକ ଓ କୃଷି ଶ୍ରମିକ ମାନଙ୍କ ଜୀବନ ଜୀବିକାରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି । ଏହି ସମୟରେ କେନ୍ଦ୍ର ସରକାର ସମସ୍ତ ଜନ ବିରୋଧି ଆଇନକୁ ଅଧ୍ୟାଦେଶ ଜରିଆରେ କାର୍ଯ୍ୟକାରୀ କରିବା ସହିତ ଦେଶର ଗୋଟିଏ ପରେ ଗୋଟିଏ ରାଷ୍ଟ୍ରାୟତ ସଂସ୍ଥାକୁ ଘରୋଇ କମ୍ପାନୀକୁ ବିକ୍ରୀ କରୁଛନ୍ତି । ଦେଶର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ, କୃଷକ ସଂଗଠନ ତରଫରୁ ଭାରତ ଛାଡ ଆନ୍ଦୋଳନ ପରିପ୍ରେକ୍ଷୀରେ ଦେଶ ବଂଚାଅ ଜୀବିକା ବଂଚାଅ ଡାକର ଦିଆଯାଇଥିଲା । ଏହା ସହିତ ରାଜ୍ୟ ସରକାରଙ୍କ ଦୁଇ ବର୍ଷ ନୁଯୁକ୍ତି ବାତିଲ କୁ ବିରୋଧ କରି ସି.ଆଇ.ଟି.ୟୁ ଭୁବନେଶ୍ୱର କମିଟି ଓ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଘରୋଇ କର୍ମଜୀବି ସଂଘ ତରଫରୁ ସ୍ଥାନୀୟ ଜାଭିୟର୍ସ ଛକ ସମେଇଗଡିଆ ଠାରେ ସିଆଇଟିୟୁ ଭୁବନେଶ୍ୱର କମିଟି ସଂପାଦକ ସୁରେଶ ରାଉତରାୟ, ସହ ସଂପାଦକ ପ୍ରଭାତ ପାଣିଗ୍ରାହୀ, ଗଣତାନ୍ତ୍ରିକ ମହିଳା ସମିତି ଜିଲ୍ଲା ସଭାନେତ୍ରୀ ବିମଳୀ ନାୟକ, ସଂପାଦକ ମିନତୀ ପାଣିଗ୍ରାହୀ, ଯଶୋଦା ନାୟକ, ମନୋରଞ୍ଜନ ସାହୁ, ▶▶ପୃଷ୍ଠା ୭

ବିର୍ଲା ଟାୟାର୍ସ ଶ୍ରମିକଙ୍କୁ ମିଳୁନି ୮ ମାସର ବକେୟା ଦରମା

ଜିଲ୍ଲାପାଳଙ୍କୁ ଦୁଃଖ ଜଣାଇଲେ ୭ ସଂଗଠନର କର୍ମକର୍ତ୍ତା

ବାଲେଶ୍ୱର,୧୦।୮ (ନି.ପ୍ର): ପ୍ରଶାସନର ମଧ୍ୟସ୍ଥତା ଓ ପ୍ରତିଶ୍ରୁତି ପରେ ବି ଶ୍ରମିକଙ୍କ ବକେୟା ଦରମା ଏବଂ ଅନ୍ୟାନ୍ୟ ଅର୍ଥ ପ୍ରଦାନରେ ବିରଳା ଟାୟାର୍ସ କର୍ତ୍ତୃପକ୍ଷଙ୍କ ଉଦାସୀନତାକୁ ନେଇ ବିଭିନ୍ନ ଶ୍ରମିକ ସଂଗଠନ ଆଜି ମିଳିତ ଭାବେ ଜିଲ୍ଲାପାଳଙ୍କଠାରେ ଫେରାଦ ହୋଇଛନ୍ତି । ବିଜୁ ପଟ୍ଟନାୟକ କର୍ମଚାରୀ ସଭା, ବିଜୁ ଶ୍ରମିକ ସଂଘ, ବିର୍ଲା ଟାୟାର୍ସ କର୍ମଚାରୀ ସଗ୍ରାମୀ ସାମ୍ମୁଖ୍ୟ, ଭାରତୀୟ ମଜଦୁର ସଂଘ, ବିର୍ଲା ଟାୟାର୍ସ ଶ୍ରମିକ କଂଗ୍ରେସ ପ୍ରଭୃତିର ପ୍ରତିନିଧିମାନେ ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ବିର୍ଲା ଟାୟାର୍ସ କର୍ତ୍ତପକ୍ଷଙ୍କ ଶ୍ରମିକ ମାରଣ ନୀତି



ସମ୍ପର୍କରେ ଅବଗତ କରିଥିଲେ । ପୂର୍ବରୁ ପ୍ରତିମାସ ଅଧାଦିନ ଉତ୍ପାଦନ ହେଉଥିବା ବେଳେ ସମ୍ପ୍ରତି କରୋନା ଓ ଅନ୍ୟାନ୍ୟ କାରଣ ପାଇଁ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ ରହିଛି । ମାତ୍ର କରୋନା ପାଇଁ ଶ୍ରମିକମାନେ ଅନ୍ୟ କେଉଁଠି ବି କାର୍ଯ୍ୟ କରିବାକୁ ଯାଇ ପାରୁ ନାହାନ୍ତି । ଏଭଳି ସଙ୍ଗୀନ ସ୍ଥିତିରେ ପରିବାର ପ୍ରତିପୋଷଣ କରିବା ଶ୍ରମିକଙ୍କ ପକ୍ଷେ କଷ୍ଟକର ହୋଇଯାଇଛି । ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କଠାରେ ଆପତ୍ତି କରି ମଧ୍ୟ କିଛି ଫଳ ନମିଳିବାରୁ ଶେଷରେ ଗତ ଜୁଲାଇ ମାସ ୩ ତାରିଖରେ ଶ୍ରମିକମାନେ ପରିବାର ସହ କାରଖାନା ସମ୍ମୁଖରେ ଅହୋରାତ୍ର ଧାରଣା ଦେଇଥିଲେ । ବିଳମ୍ବିତ ରାତିରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ପୁଲିସର ଉପସ୍ଥିତିରେ ବିର୍ଲା ଟାୟାର୍ସ ପରିଚାଳନା କର୍ତ୍ତୃପକ୍ଷ ଶ୍ରମିକଙ୍କ ସମସ୍ତ ଦାବି ମାନି ନେଇଥିଲେ ବି ଅଦ୍ୟାବଧି ୮ ମାସର ଦରମା ଓ ଅନ୍ୟାନ୍ୟ ବକେୟା ଅର୍ଥ ପ୍ରଦାନ କରାଯାଇ ନାହିଁ । ତୁରନ୍ତ ଏ ବାବଦରେ ଉଚିତ ପଦକ୍ଷେପ ନେବାକୁ ବିର୍ଲା ଟାୟାର୍ସର ବିଭିନ୍ନ ଶ୍ରମିକ ସଂଗଠନ କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କଠାରେ ଗୁହାରୀ କରିଛନ୍ତି । ଏନେଇ ସେମାନେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବିପତ୍ର ପ୍ରଦାନ ବେଳେ ଶ୍ରମିକ ନେତା ଅଶୋକ ରାଉତ, ଛବିନ୍ଦ୍ର ମହାନ୍ତି, ମାନସ ରଂଜନ ପଣ୍ଡା, ରଣ୍ଜିରଂଜନ ରାଉତ, ରାମାୟଣ ଯାଦବ, ଶିବ ପ୍ରସାଦ ଦାସ, ଦେବେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି

ଭୁବନେଶ୍ୱର,୧୦।୮ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୨୩୩ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୧୩୦୮୮ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୪୩୯, ବାଲେଶ୍ୱର ଜିଲ୍ଲାରେ ୧୪୩୪, ବରଗଡ ଜିଲ୍ଲାରେ ୬୪୪, ଭଦ୍ରକ ଜିଲ୍ଲାରେ ୯୮୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୬୯୬ . ବୌଦ୍ଧ ଜିଲ୍ଲାରେ ୨୧୦, କଟକ ଜିଲ୍ଲାରେ ୩୨୦୨, ଦେବଗଡ ଜିଲ୍ଲାରେ ୧୦୧, ଢେଙ୍କାନାଳ ଜିଲ୍ଲାରେ ୬୬୭. ଗଜପତି ଜିଲ୍ଲାରେ ୨୦୨୦, ଜଗତସିଂହପୁର ଜିଲ୍ଲାରେ ୮୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୧୬୩୪, ଝାରସୁଗୁଡା ଜିଲ୍ଲାରେ ୪୦୦, କଳାହାଣ୍ଡି ଜିଲ୍ଲାରେ ୫୧୮, କନ୍ଧମାଳ ୯୧୬, କେନ୍ଦ୍ରାପଡା ଜିଲ୍ଲାରେ ୬୬୮, କେନ୍ଦୁଝର ଜିଲ୍ଲାରେ ୧୦୪୩, ଖୋର୍ଧା ଜିଲ୍ଲାରେ ୬୬୬୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୧୨୭୧ , ମାଲକାନଗିରି ଜିଲ୍ଲାରେ ୯୨୬, ମୟୁରଭଂଜ ଜିଲ୍ଲାରେ ୯୧୮. ନବରଙ୍ଗପୁର ଜିଲ୍ଲାରେ ୩୮୩ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୧୦୪୧, ନୂଆପଡା ଜିଲ୍ଲାରେ ୧୮୭ , ପୁରୀ ଜିଲ୍ଲାରେ ୧୨୯୯, ରାୟଗଡା ଜିଲ୍ଲାରେ ୧୫୦୬. ସମ୍ବଲପୁର ଜିଲ୍ଲାରେ ୧୧୬୯. ସୁବର୍ଣ୍ଣପୁର ଜିଲ୍ଲାରେ ୧୭୪ ଓ ସୁନ୍ଦରଗଡ ଜିଲ୍ଲାରେ ୨୩୬୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୯୦୮୩ କରୋନା ପରୀକ୍ଷଣ

ଭୁବନେଶ୍ୱର, ୧୦ ଅଗଷ୍ଟ - ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ୧୯୦୮୩ କରୋନା ପରୀକ୍ଷଣ ହୋଇଛି । ଆଜି ସୁଦ୍ଧା ରାଜ୍ୟରେ ମୋଟ ୬୫୦୧୮୩ କରୋନା ପରୀକ୍ଷଣ କରା ଯାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।

ଜଳେଶ୍ୱରରେ ପ୍ରଥମ କରୋନା ପୀଡିତଙ୍କ ମୃତ୍ୟୁ

ଜଳେଶ୍ୱର,୧୦।୮ (ନି.ପ୍ର): ଜଳେଶ୍ୱର ଅଂଚଳରେ ଦୀର୍ଘ ୪୫ଦିନ କୋଭିଡ୍ ସଚେତନତା ଓ ମାକ୍ସ ସହିତ ଶୁଖିଲା ଖାଦ୍ୟ ବାଣ୍ଟି ଆସିଥିବା ଏ ଅଂଚଳର ଅନ୍ୟଜଣେ ସମାଜସେବୀ ମାନସ ପାଠୀଙ୍କର ଆଜି କରୋନା ସଂକ୍ରମଣରେ ମୃତ୍ୟୁ ଘଟିଛି । ଏହା ଜଳେଶ୍ୱରର ପ୍ରଥମ କରୋନା ମୃତ୍ୟୁ ବୋଲି ଜଣାଯାଇଛି । ଜଳେଶ୍ୱର ପୌରପରିକାର ୮ନଂ ୱାର୍ଡରେ ଜଣେ ସୁ-ସଂଗଠକ, ପରୋପକାରୀ, ସମାଜସେବି, ଦରଦି, ଅନ୍ୟକୁ ନ୍ୟାୟ ଦେବାରେ ଆଗଭର ଯୁବକର୍ମୀ ମାନସ ପାଠୀଙ୍କ ବିୟୋଗରେ ଜଳେଶ୍ୱରରେ ଶୋକର ଛାୟା ଖେଳି ଯାଇଛି । ଅଳ୍ପ ବୟସରୁ ତାଙ୍କର ସେବାପରାକାଷ୍ଠା ପ୍ରଦର୍ଶନ କରିଆସିଛନ୍ତି । ସେ ବିଜେପିର ସଦସ୍ୟ ଥାଇ ବଜ୍ରଂ ଦଳର କର୍ମକର୍ତ୍ତାଭାବେ କାର୍ଯ୍ୟ କରି ଆସୁଥିଲେ । କୋଭିଡ୍-୧୯ ସଂକ୍ରମଣ ବେଳେ ଦୀର୍ଘ ୪୫ଦିନ ଧରି ବିଭିନ୍ନ ପଡା ଗାଁଠାରୁ ସହର ପର୍ଯ୍ୟନ୍ତ ଦାଣ୍ଡ ଭିକାରୀ ଠାରୁ ବସ୍ତି ବାସିନ୍ଦା ପର୍ଯ୍ୟନ୍ତ ସମସ୍ତଙ୍କୁ ରୋଗ ସଂପର୍କରେ ସଚେତନତା କରିବା ସହିତ ମାସ୍କ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ । ଅଦ୍ୟାବଧି ଜଳେଶ୍ୱର ପୌରପାଳିକା ଓ ବ୍ଲକ ଅଂଚଳରେ ୧୪୦ଜଣଙ୍କର କରୋନା ପଜେଟିଭ୍ ଦେଖାଦେଇଥିବା ବେଳେ ମାନସଙ୍କ ମୃତ୍ୟୁ ଘଟିଛି । ସେ ଗତ କିଛିଦିନ ଧରି ଜ୍ୱର, କାଶ ଓ ଥଣ୍ଡା ରୋଗରେ ପିଡିତ ଥିବା ବେଳେ ସ୍ଥାନୀୟ ଡାକ୍ତରଖାନାରୁ ଔଷଧ ଆଣି ଖାଇଥିଲେ । କିନ୍ତୁ ୫ତାରିଖ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ତାଙ୍କୁ ବାଲେଶ୍ୱରସ୍ଥିତ ଜ୍ୟୋତି କୋଭିଡ୍ ହସ୍‌ପିଟାଲକୁ ନିଆଯାଇଥିଲା । ସେଠାରେ କରୋନା ପଜେଟିଭ୍ ଥିବାର ଜଣାଯିବାପରେ ଚିକିତ୍ସା ଆରମ୍ଭ ହୋଇଥିଲା । ସେ ଆଇସିୟୁରେ ଥିବା ବେଳେ ଭୋର ୪ଟା୪୫ମିରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କର ଏକମାତ୍ର ୨ ବର୍ଷର ଝିଅ ଥିବା ବେଳେ ତାଙ୍କର ବିଧବା ସ୍ତ୍ରୀ ଅସହାୟ ହୋଇପଡିଛନ୍ତି । ତାଙ୍କ ମର ଶରୀର ବାଲେଶ୍ୱରରୁ ଏକ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ପଂଚିଘଣ୍ଟା ଗାଁ ଶ୍ମଶାନଠାରେ ପହଞ୍ଚିଥିଲା । ଶବକୁ ଏଠାରେ ପୋତାଯିବା ୧ଘଣ୍ଟା ଧରି ଉତ୍ତେଜନା ପ୍ରକାଶ ପାଇଥିଲା । ପ୍ରଶାସନୀକ ଦାୟିତ୍ୱରେ ଥିବା ଏଡିଏମ୍‌ଓ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ପୌର ଅଧିକାରୀ ଅଜୟ ମହାପାତ୍ର, ପୁଲିସ୍ ଏଏସ୍‌ଆଇ ନରେନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥାଇ ଉତ୍ତେଜନା ସମାଧାନ ସହିତ ସେଠାରେ ବିଧିମୁତାବକ ପୋତାଯାଇଥିଲା । ଏହି ଘଟଣାରେ ପୂର୍ବତନ ବିଧାୟକ ଜୟନାରାୟଣ ମହାନ୍ତି, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ମ୍ୟୁନିସିପାଲଟି ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ଚିତ୍ତରଂଜନ ମହାନ୍ତି, ମାନସ ମହାନ୍ତି, ତାପସ ସାହୁ, ବ୍ରଜଗୋପାଳ ରାଉତ, ସୁବଳ କୋୟାଲ, ସୁନୀଲ କୋୟାଲ, ସିଦ୍ଧେଶ୍ୱର ବେହେରା, ଶ୍ରୀକୃଷ୍ଣ ଗୁପ୍ତା, ଅଭିଜିତ୍ ପ୍ରଧାନ, ଧ୍ରୁବ ପାଳ, ସୁବ୍ରତ ଘୋଷାଲ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି ।

ସାରଗାଁ ପଞ୍ଚାୟତରେ ଗୋଷ୍ଠୀ ବିବାଦ : ଅର୍ଥ ଆତ୍ମସାତ୍ ଅଭିଯୋଗକୁ ସରପଞ୍ଚଙ୍କ ଅସ୍ୱୀକାର

ବାଲେଶ୍ୱର,୧୦।୮(): ସାରଗାଁ ଗ୍ରାମ ପଞ୍ଚାୟତରେ ସରକାରୀ କାର୍ଯ୍ୟକୁ ନେଇ ଦୁଇଗୋଷ୍ଠୀଙ୍କ ମଧ୍ୟରେ ଗତ କିଛିଦିନ ଧରି ଲାଗିଥିବା ବିବାଦ କ୍ରମଶଃ ତୀବ୍ର ହେବାରେ ଲାଗିଛି । ସାରଗାଁ ସରପଞ୍ଚଙ୍କ ଦ୍ୱାରା ବେଆଇନ୍ କାର୍ଯ୍ୟ ସାଙ୍ଗକୁ ବିଭିନ୍ନ ପ୍ରକଳ୍ପ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ୍ ହୋଇଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଗତ ୭ ତାରିଖରେ ଜିଲ୍ଲାପାଳଙ୍କଠାରେ ଅଭିଯୋଗ ହୋଇଥିଲା । ମାତ୍ର ଏହି ଅଭିଯୋଗକୁ ଅସ୍ୱୀକ